## ସଂକ୍ଷେପରେ

### ଭୁଲ୍ ଇଞ୍ଜେକଶନ ଯୋଗୁ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

## ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

**ବାଲେଶ୍ୱର ଅଫିସ, ୧୨।୫:** ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟରେ ରବିବାର ପୁଣି ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଚିକିତ୍ସାରେ ଅବହେଳା ଓ ଲାଞ୍ଚ ନେବା ଅଭିଯୋଗରେ ନର୍ସଙ୍କୁ ମାଡ଼ ମରାଯିବା ଘଟଣା ନେଇ ଚର୍ଚ୍ଚା ଥମି ନ ଥିବା ବେଳେ ପୁଣି ଏକ ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଭୁଲ୍ ଇଞ୍ଜେକଶନ୍ ଦିଆଯିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ବୃଦ୍ଧ ହେଲେ ସହଦେବଖୁଣ୍ଟା ଥାନା ଉତ୍ତମନଗର ଅଞ୍ଚଳର ବିଶ୍ୱନାଥ ଶତପଥି (୬୫)। ତାଙ୍କୁ ଶୁକ୍ରବାର ମଧ୍ୟାହ୍ନ ୧୨ଟା ବେଳେ ଚିକିତ୍ସା ପାଇଁ ଭେଷଜ ବିଭାଗରେ ଭର୍ତ୍ତି କରାଯାଇଥିଲା। ଦୁଇଦିନ ଚିକିତ୍ସା ହେବା ପରେ ସାମାନ୍ୟ ସୁସ୍ଥ ହୋଇଥିବା ପରିବାର ଲୋକେ ହୃଦ୍‌ବୋଧ କରିଥିଲେ। ରବିବାର ତାଙ୍କ ନିକଟରେ ପୁଅ ଦେବାଶିଷ, ଜ୍ୱାଇଁ ସୁଧାଂଶୁ ପତି ଓ ଝିଅ ଦେବସ୍ମିତା ଥିଲେ। ସାଲାଇନ୍ ଚାଲୁ ରହିଥିଲା। ଅପରାହ୍ନ ସାଢେ ୩ଟାରେ ହଠାତ୍ ସେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାରଲୋକେ ନର୍ସ ଓ ଡାକ୍ତରଙ୍କୁ ଜଣାଇଥିଲେ। ଡ୍ୟୁଟିରେ ଥିବା ନର୍ସ ବୃଦ୍ଧଙ୍କୁ ଏକ ଇଞ୍ଜେକଶନ ଦେଇଥିଲେ। ଏହାପରେ ବୃଦ୍ଧଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରି ୱାର୍ଡ଼ ସମ୍ମୁଖରେ ହୋ-ହଲ୍ଲା କରିଥିଲେ। ଡାକ୍ତର ଓ ନର୍ସଙ୍କୁ ଗାଳିଗୁଲଜ କରି ଚିକିତ୍ସାରେ ଅବହେଳା ଯୋଗୁ ମୃତ୍ୟୁ ହୋଇଥିବା ଦର୍ଶାଇଥିଲେ। ମେଡ଼ିକାଲ ଫାଣ୍ଡି ଏଏସ୍‌ଆଇ ବିଜୟ କୁମାର ନାୟକ ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଡାକ୍ତର ବୃଦ୍ଧଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏହାପରେ ପରିବାର ଲୋକେ ମୃତଦେହ ବ୍ୟବଚ୍ଛେଦ ନ କରି ଘରକୁ ନେଇଯାଇଥିଲେ। ଏନେଇ ମେଡ଼ିକାଲ ଫାଣ୍ଡିରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଏଏସ୍‌ଆଇ ନାୟକ ପ୍ରକାଶ କରିଛନ୍ତି।

### ସଂଘବଦ୍ଧ ଆକ୍ରମଣ: ୭ଜଣଙ୍କ ନାମରେ ମାମଲା

**ଭଣ୍ଡାରିପୋଖରୀ, ୧୨।୫(ଡି.ଏନ.ଏ)-** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଷୋଳମପୁର ପଞ୍ଚାୟତ ମୁଢାପଦା ଗ୍ରାମର କଳିଙ୍ଗ ଯେନାଙ୍କୁ ସଂଘବଦ୍ଧ ଆକ୍ରମଣ କରାଯିବା ଘଟଣାରେ ପୋଲିସ ୭ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଗତ ୭ତାରିଖ ସକାଳେ ସେ ଘରୁ କାମକୁ ବାହାରୁଥିବା ବେଳେ ଗ୍ରାମର କେତେକ ବ୍ୟକ୍ତି ତାଙ୍କୁ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। କଳିଙ୍ଗଙ୍କ ସ୍ତ୍ରୀ ବିନିତା ସ୍ୱାମୀଙ୍କୁ ରକ୍ଷା କରିବାକୁ ଆସି ଆକ୍ରମଣର ଶିକାର ହୋଇଥିଲେ। ଆହତ ଅବସ୍ଥାରେ କଳିଙ୍ଗଙ୍କୁ ପ୍ରଥମେ ଭଣ୍ଡାରିପୋଖରୀ ଓ ଭଦ୍ରକ ଡାକ୍ତରଖାନା ନିଆଯାଇ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏ ନେଇ ବିନିତା ରବିବାର ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିବାପରେ ପୋଲିସ ଏକ ମାମଲା (ନଂ. ୭୨/୧୯) ରୁଜୁ କରିଛି। ଏଏସଆଇ ଗୌରମଣି ସିଂ ଘଟଣାର ତଦନ୍ତ କରୁଥିବା ଥାନା ପକ୍ଷରୁ କୁହାଯାଇଛି।

**ହାର, ଜିତ ଚର୍ଚ୍ଚା ବଢୁଛି**

# ନିର୍ଣ୍ଣାୟକ ହୋଇପାରେ ସାନି ନିର୍ବାଚନ

**ଯାଜପୁର ଅଫିସ, ୧୨।୫**

ସାଧାରଣ ନିର୍ବାଚନ ଫଳାଫଳକୁ ଆଉ ମାତ୍ର ୧୦ଦିନ ବାକି ରହିଛି। ହାରଜିତକୁ ନେଇ ହାଇପ୍ରୋଫାଇଲ ପ୍ରାର୍ଥୀଙ୍କ ଟେନସନ ବଢିଯାଇଛି। ଯାଜପୁର ଜିଲାର ଗୋଟିଏ ଲୋକସଭା ଓ ୭ ବିଧାନସଭା ଆସନ ପାଇଁ ୬୧ଜଣ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପାର ନେତା, କର୍ମୀ ଓ ପ୍ରାର୍ଥୀଙ୍କ ମଧ୍ୟରେ ଅଙ୍କକଷା ଚାଲିଛି । ଫଳାଫଳକୁ ନେଇ ଗ୍ରାମାଞ୍ଚଳରୁ ସହରାଞ୍ଚଳ ଏବଂ ଚା ପାନ ଦୋକାନରୁ ହୋଟେଲ, କ୍ଲବ, ସରକାରୀ କାର୍ଯ୍ୟାଳୟରୁ ବାର ଆସୋସିଏଶନ ସବୁଠି କେବଳ ହାରଜିତ ନେଇ ଚର୍ଚ୍ଚା ଜୋର ଧରିଛି । ଜିଲାରେ କେଉଁ ଦଳ କେତେ ଆସନ ପାଇବ, କିଏ ଜିତିବ ଓ କିଏ ହାରିବ ଏବଂ ରାଜ୍ୟରେ ପରବର୍ତ୍ତୀ ସରକାର କେଉଁ ଦଳ କରିବ ଏଭଳି ଅନେକ ଆଲୋଚନା ଚାଲିଛି। ତେବେ ବରୀ ବିଧାନସଭା ଆସନ ପାଇଁ ୫ଟି ବୁଥରେ ଆସନ୍ତା ୧୯ରେ ହେବାକୁ ଥିବା ସାନି ନିର୍ବାଚନ ଫଳାଫଳ ନିର୍ଣ୍ଣାୟକ ଭୂମିକା ନେଇପାରେବୋଲି ମତପ୍ରକାଶ ପାଉଛି।

ଯାଜପୁର ଲୋକସଭା ଆସନର ଦୁଇ ପ୍ରାର୍ଥୀ ବିଜେଡିର ଶର୍ମିଷ୍ଠା ସେଠୀ ଓ ଭାଜପାର ଅମିୟ ମଲିକଙ୍କ ମଧ୍ୟରୁ କିଏ ଜିତିବେ ସେ ନେଇ ଆକଳନ ଆରମ୍ଭ ହୋଇଯାଇଛି । ଯାଜପୁର ବିଧାନସଭା କ୍ଷେତ୍ରରୁ ପ୍ରଣବପ୍ରକାଶ ଦାସ ୩ଥର ପାଇଁ ନିର୍ବାଚିତ ହେବେ ନା ଭାଜପାର ଗୌତମ ରାୟ ବାଜି ମାରିବେ ସେ ନେଇ ମଧ୍ୟ ଆଲୋଚନା ଜୋର ଧରିଛି। ତେବେ ଏଥର ଭାଜପାର ଅଧିକ ଜିତିବା ସମ୍ଭାବନା ଥିବା ରାଜନୈତିକ ବିଶେଷଜ୍ଞ ମତପୋଷଣ କରୁଛନ୍ତି । ପ୍ରଣବଙ୍କ ଜିତିବା ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ଏଠାରେ କଡ଼ା ଟକ୍କର ହୋଇଥିବାରୁ କାହା ମୁଣ୍ଡରେ ଭୋଟର ସୁନା କଳସ ଢାଳିଛନ୍ତି ତାହା ମେ ୨୩ରେ ଜଣାପଡିବ। ସେହିପରି ଜିଲାର ସୁକିନ୍ଦା, ବରୀ, କୋରେଇ ବିଧାନସଭା କ୍ଷେତ୍ରରେ ହାରଜିତକୁ ନେଇ ପ୍ରାର୍ଥୀ ସେମାନଙ୍କ ପ୍ରତିକ୍ରିୟା ଦେଇ ନ ଥିବାବେଳେ ଦଳୀୟ କର୍ମୀମାନେ ତାଙ୍କ ନେତାଙ୍କ ବିଜୟ ଖୁସି ମନାଉଥିବା ଦେଖିବାକୁ ମିଳିଛି। ଏହିକ୍ରମରେ ଜିଲାର ୯ଟି ବୁଥରେ ପୁନଃ ମତଦାନ ଘୋଷଣା ପ୍ରାର୍ଥୀ ଓ କର୍ମୀଙ୍କୁ ଅଡୁଆରେ ପକାଇଛି। ସେଥିରୁ ବରୀ ଆସନ ପାଇଁ ସର୍ବାଧିକ ୫ଟି ବୁଥରେ ପୁନଃ ମତଦାନ ହେଉଥିବାରୁ ନେତା ଓ କର୍ମୀମାନେ ପୁଣି ତତ୍ପର ହୋଇଉଠିଛନ୍ତି । ଏହି ଆସନର ୮୨ ନମ୍ବର ସଙ୍ଗଦେଇପୁର ପ୍ରାଥମିକ ସ୍କୁଲ, ୧୫୮ ନମ୍ବର ରାମଚନ୍ଦ୍ରପୁର ସରକାରୀ ନୋଡାଲ ହାଇସ୍କୁଲ, ୧୬୨ ଓ ୧୬୩ ନମ୍ବର ଅଲୀପୁର ବ୍ରଜବନ୍ଧୁ ନୋଡାଲ ଉପ୍ରା ବିଦ୍ୟାଳୟ ଏବଂ ୧୯୪ ନମ୍ବର ବାଲିବିଲ ନୋଡାଲ ପ୍ରାଥମିକ ସ୍କୁଲରେ ପୁନଃ ମତଦାନ ହେବାକୁ ଯାଉଛି। ତେବେ ଏଠାରେ ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସ ଓ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କ ମଧ୍ୟରେ କଡା ଟକ୍କର ହୋଇଥିବା ଦେଖିବାକୁ ମିଳିଛି। ଚଳିତ ନିର୍ବାଚନରେ ଏଠାରେ ନବୀନ ହାୱା ସତ୍ତ୍ୱେ ଭାଜପା ସଂଗଠନ ଅଧିକ ଶକ୍ତିଶାଳୀ ହୋଇଥିବା କୁହାଯାଉଛି । ଗତ ୨୯ରେ ଅନୁଷ୍ଠିତ ନିର୍ବାଚନରେ ବରୀରେ ମୋଟ ୨,୧୫,୧୩୩ ଭୋଟରଙ୍କ ମଧ୍ୟରୁ ୧,୫୧,୮୭୪ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ । ଏଠାରେ ପ୍ରାୟ ୭୦.୫୯ ପ୍ରତିଶତ ମତଦାନ ହୋଇଥିଲା । ତେବେ ୧୯ରେ ହେବାକୁ ଥିବା ୫ଟି ବୁଥରେ ମତଦାନ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ପ୍ରାୟ ସମ୍ପନ୍ନ ହୋଇଛି। ଅନିୟମିତତା, ରିଗିଂ ଆଦି ଜଗିବାକୁ ପୋଲିସ ପକ୍ଷରୁ କଡ଼ା ପହରାରେ ମତଦାନ କେମିତି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ସେ ନେଇ ଯୋଜନା ଚାଲିଛି। ତେଣୁ ପ୍ରାର୍ଥୀ ଭୋଟରଙ୍କୁ ବିଭିନ୍ନ ଉପାୟରେ ନିଜ ସପକ୍ଷରେ ମନାଇବାକୁ ଉଦ୍ୟମ ଆରମ୍ଭ କରି ଦେଇଛନ୍ତି। ଏହି ପୁନଃ ମତଦାନରେ ଟଙ୍କାର ବର୍ଷା ହୋଇପାରେ ବୋଲି ଚର୍ଚ୍ଚା ହେଉଛି । ଉଭୟ ଭାଜପା ଓ ବିଜେଡି ମଧ୍ୟରେ କଡା ଟକ୍କର ହୋଇଥିବାରୁ ଏହି ୫ଟି ବୁଥର ଫଳାଫଳ ହିଁ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବା ନିଶ୍ଚିତ ହୋଇଥିବାରୁ ସବୁପ୍ରକାର କୌଶଳ ଅବଲମ୍ବନ କରିବାକୁ ନେତା ଓ ପ୍ରାର୍ଥୀ ପ୍ରସ୍ତୁତି ଜୋରସୋରରେ ଲଗାଇଛନ୍ତି। ପୁନଃ ମତଦାନକୁ ନେଇ କଂଗ୍ରେସ ପ୍ରାର୍ଥୀ ଉମେଶ ଜେନା ମଧ୍ୟ ଆଗ୍ରହ ଦେଖାଉଥିବା ସୂଚନା ମିଳିଛି।

**ବରୀ ନିର୍ବାଚନ ମଣ୍ଡଳୀ**


ସୁନନ୍ଦା ଦାସ


ଉମେଶ ଜେନା


ବିଶ୍ୱରଞ୍ଜନ ମଲ୍ଲିକ

- ଫଳାଫଳକୁ ବାକି ରହିଲା ୧୦ ଦିନ
- ନେତା, କର୍ମୀ ଓ ପ୍ରାର୍ଥୀଙ୍କ ମଧ୍ୟରେ ଚାଲିଛି ଅଙ୍କକଷା

### ଶନିଦେବଙ୍କ ପୂଜାର୍ଚ୍ଚନା

**କଳିଙ୍ଗନଗର, ୧୨।୫(ଡି.ଏନ୍.ଏ.)** କଳିଙ୍ଗନଗର ଅଞ୍ଚଳର ଦାନଗଦୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ଶନିମନ୍ଦିରରେ ରବିବାର ଗ୍ରହରାଜ ଶନିଦେବଙ୍କର ପୂଜାର୍ଚ୍ଚନା ଓ ହୋମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଦାନଗଦୀ ବଜାର ପରିସରରେ ଥିବା ଶନି ମନ୍ଦିର, ଯଖପୁରା, ତେଲିବାହାଳି, ରାବଣା, କେନ୍ଦୁଡିପି, ମାନତିରା, ପଙ୍କପାଳ ଓ ଚକୁଆଠାରେ ଥିବା ଶନି ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଛି । ଏହ୍‌ସେହିପରି ରାଛିପୁରଠାରେ ଥିବା ପ୍ରସିଦ୍ଧ ଶନି ମନ୍ଦିରରେ ଶନିବାର ରାତିରୁ ବହୁ ଭକ୍ତ ଜଳାଭିଷେକ କରିଥିଲେ। ଶାନ୍ତି ଶୃଙ୍ଖଳା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା।

**ପ୍ରଥମ ମାସିକିଆ ପୂଜା**



**BIDYAKSHI (PARI)**

ଆଜି ତୋର ପ୍ରଥମ ମାସିକିଆ ପୂଜାରେ ଶ୍ରୀମା ଶ୍ରୀଅରବିନ୍ଦ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ:
ଆଈ, ଗୁଡୁ ମାସୀ, ଡାଏନା ମାସୀ, ମାମା, ପାପା ଓ ପରିବାରବର୍ଗ ।

# ରିଲିଫ ଚାଉଳ ବଣ୍ଟନରେ ଅବ୍ୟବସ୍ଥା

**ଧର୍ମଶାଳା, ୧୨।୫(ଡି.ଏନ୍.ଏ.)** ଧର୍ମଶାଳା ବ୍ଲକର ୪୫ ପଞ୍ଚାୟତ ମଧ୍ୟରୁ ଅଧିକାଂଶ ପଞ୍ଚାୟତରେ ରିଲିଫ ବଣ୍ଟନରେ ଅବ୍ୟବସ୍ଥା ଦେଖାଦେଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବାତ୍ୟା ବିପନ୍ନଙ୍କୁ ସରକାର ୩ ଦିନ ପାଇଁ ରିଲିଫ ପ୍ରଦାନ ଘୋଷଣା କରିଥିଲେ। ୨୦୧୧ ଜନଗଣନା ଅନୁସାରେ ବ୍ଲକ ଅଞ୍ଚଳରେ ୨ଲକ୍ଷ ୨୪ ହଜାର ୭୮୧ ଲୋକ ସଂଖ୍ୟା ରହିଥିଲା। ଏହି ଜନଗଣନା ସଂଖ୍ୟାରୁ ୧୨ଭାଗ ଅଧିକ କରାଯାଇ ୨ଲକ୍ଷ ୪୯ହଜାର ୭୫୬ଜଣ ବଡ ଓ ଛୋଟ ପିଲାଙ୍କୁ ରିଲିଫ ପାଇଁ ମୋଟ ୫ହଜାର ୯୯୩ କୁଇଣ୍ଟାଲ ୭୦କେଜି ଚାଉଳ ବୁଧବାର ବିଭିନ୍ନ ପଞ୍ଚାୟତକୁ ପଠାଯାଇଛି। ହେଲେ ଅଦ୍ୟାବଧି ୧୦ଟି ପଞ୍ଚାୟତରେ ରିଲିଫ ଚାଉଳ ବଣ୍ଟନ କରାଯାଇଥିବାବେଳେ ଅବଶିଷ୍ଟ ୩୫ଟି ପଞ୍ଚାୟତରେ ଜଣେ ଲେଖାଏଁ ଡିଲର ନିକଟରେ ଚାଉଳ ଗଚ୍ଛିତ କରାଯାଇଛି। ଯାଜପୁର ଜିଲାପାଳ ବାତ୍ୟା ବିପନ୍ନଙ୍କୁ ଶୁକ୍ରବାର ସୁଦ୍ଧା ରିଲିଫ ବଣ୍ଟନ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବାତ୍ୟାକୁ ୧୦ଦିନ ବିତିଥିଲେ ମଧ୍ୟ ଅଦ୍ୟାବଧି ସମସ୍ତ ପଞ୍ଚାୟତରେ ରିଲିଫ ଚାଉଳ ବଣ୍ଟନ ହୋଇ ପାରି ନାହିଁ। ଏ ନେଇ ଧର୍ମଶାଳା ବିଡ଼ିଓ ହେମନ୍ତ କୁମାର ସ୍ୱାଇଁଙ୍କ ସହ ଯୋଗାଯୋଗ କରିବାରୁ, ଆବଶ୍ୟକୀୟ ରିଲିଫ ଚାଉଳ ଉଠାଯାଇ କେତେକ ପଞ୍ଚାୟତରେ ଗଚ୍ଛିତ ରଖାଯାଇଛି। ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ସମସ୍ତ ପଞ୍ଚାୟତରେ ରିଲିଫ ଚାଉଳ ବଣ୍ଟନ ପ୍ରକ୍ରିୟା ଶେଷ ହେବ ବୋଲି କହିଛନ୍ତି।

### ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗ

**ଧାମନଗର, ୧୨।୫(ଡି.ଏନ.ଏ.)** ଭଦ୍ରକ ଜିଲା ଧାମନଗର ବ୍ଲକ ପଛାଲୋ ଗ୍ରାମର ବସନ୍ତ ଜେନାଙ୍କ ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଶନିବାର ବସନ୍ତ ବିଲକୁ ଯାଇ ଘରକୁ ଫେରି ନ ଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମୃତଦେହ ବିଲରେ ପଡିଥିବା ଖବରପାଇ ଉଦ୍ଧାର କରିଥିଲେ। ଏ ନେଇ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ. ୯/୧୯) ରୁଜୁ କରାଯାଇ ତଦନ୍ତ ଚାଲିଛି।

**Birthday Wish**



Thanks for coming in my life
*Happy Birthday* my Princess
**(Pragyan)**
**Best Complements from Raj and Family**
D-12464

**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



**ଦେବସ୍ମିତା ସାହୁ**
ଶିରିପୁର, ଭୁବନେଶ୍ୱର
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ଏବଂ ତୋର ଚଲାପଥ ପୁଷ୍ପିତ ହେଉ।
ଶୁଭେଚ୍ଛା ସହ: ବନ୍ଧୁ ଓ ପରିବାରବର୍ଗ
ଧ-୧୨୪୭୩

# ‘ଅନାବିଳ ଆବେଗ ମାତୃତ୍ୱରୁ ହିଁ ମିଳେ’



ବିଶ୍ୱ ମାତୃତ୍ୱ ଦିବସ ଅବସରରେ ମଞ୍ଚାସୀନ ଅତିଥି।

**ଧର୍ମଶାଳା, ୧୨।୫(ଡି.ଏନ୍.ଏ.)** ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ଗ୍ରାମସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସୁକନ୍ୟା’ ପକ୍ଷରୁ ବିଶ୍ୱ ମାତୃତ୍ୱ ଦିବସ ରବିବାର ଜାରକାଠାରେ ପାଳିତ ହୋଇଯାଇଛି। ଉପଦେଷ୍ଟା ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଡ.ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇଥିଲେ। ଏହି ଅବସରରେ ଅନାସକ୍ତ ଆନନ୍ଦ, ଅନାବିଳ ଆବେଗ ମାତୃତ୍ୱରୁ ହିଁ ମିଳେ। ଏହି ନିଷ୍ଠୁର ସତ୍ୟକୁ କେବଳ ଅନୁଭବି ହିଁ ଜାଣିପାରେ ବୋଲି ରୁଦ୍ରନାରାୟଣ କହିଥିଲେ। ଅତିଥିଭାବେ କବି ଓ ସଂଗଠକ ସଂଗ୍ରାମ କେଶରୀ ଜେନା ଯୋଗଦେଇ ମା’ ସର୍ବଦା ବନ୍ଦନୀୟା ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ‘ପ୍ରତିଭା’ ପତ୍ରିକା ସମ୍ପାଦିକା ଗାୟତ୍ରୀ ନାୟକ ଯୋଗଦେଇ ମା’ ନାହିଁ ଯାହାର ସାହା ନାହିଁ ତାହାର। ସବୁ ପ୍ରକାର ପ୍ରତିବନ୍ଧକକୁ ଏଡାଇ ମା’ ତା’ର ସନ୍ତାନକୁ ସୁନାଗରିକଭାବେ ଗଢ଼ିଥିବା ଅନେକ ପ୍ରମାଣ ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସମାଜସେବୀ ଗୟାଧର ମଲ୍ଲିକ, ମାନସ ରଞ୍ଜନ ଜେନା, ପ୍ରେସ୍ କ୍ଲବ ଉପଦେଷ୍ଟା ବି.କେ ପରିଡ଼ା, ଡ. ଇନ୍ଦୁପ୍ରଭା ସାମଲ, ଅଧ୍ୟାପିକା ମଧୁସ୍ମିତା ମିଶ୍ର ଯୋଗଦେଇଥିଲେ। ସଭାପତି ଅଜୟ କୁମାର ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦିକା ରଞ୍ଜିତା ବାରିକ୍ ବିବରଣୀ ପାଠ କରିଥିଲେ। ଶ୍ରୀପ୍ରସାଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଦୁର୍ଗାଦତ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




### ■ କୃଷ୍ଣଦାସପୁର-ସିପୁରା ପୂର୍ତ୍ତ ବିଭାଗ ରାସ୍ତା

# ନିର୍ମାଣ କାର୍ଯ୍ୟ ନ ସରୁଣୁ ଫାଟିଲା ରାସ୍ତା

**ଚଣ୍ଡିଖୋଲ, ୧୨।୫(ଡି.ଏନ.ଏ)**

ବଡ଼ଚଣା ପୂର୍ତ୍ତ ବିଭାଗ ସବ୍‌ଡିଭିଜନ ଅଧୀନରେ ରହିଛି କୃଷ୍ଣଦାସପୁର-ସିପୁରା ରାସ୍ତା। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ କାମ ନ ସରୁଣୁ ରାସ୍ତା ଫାଟି ଦୁଇ ଫାଳ ହୋଇଯାଇଥିବା ଦେଖିବାକୁ ମିଳିଛି। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ରାସ୍ତା କାର୍ଯ୍ୟ ଏଭଳି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଥାଉକି, କୃଷ୍ଣଦାସପୁର-ସିପୁରା ପୂର୍ତ୍ତ ବିଭାଗ ରାସ୍ତାଟି ୫ନଂ(କ) ଜାତୀୟ ରାଜପଥକୁ କୃଷ୍ଣଦାସପୁରଠାରେ ସଂଯୋଗ କରିଛି। ବର୍ଷକ ତଳେ ଏକ କିଲୋମିଟର ଦୈର୍ଘ୍ୟ ଏହି ରାସ୍ତା ପାଇଁ ୧କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ଠିକାଦାର ଏହି ରାସ୍ତା ପାଇଁ ବ୍ୟୟ ଅଟକଳଠାରୁ ୧୪ ପ୍ରତିଶତ କମ୍‌ରେ ଟେଣ୍ଡର ପକାଇ କାମ ହାତେଇଥିଲେ। ରାସ୍ତାର ନବୀକରଣ ଓ ପ୍ରଶସ୍ତୀକରଣ ପାଇଁ ୮୬ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଏହି କାର୍ଯ୍ୟ ସୁଚାରୁ ରୂପେ କରିବା ପରିବର୍ତ୍ତେ ଶୀଘ୍ର କାର୍ଯ୍ୟ ସାରି ବିଲ ଉଠାଇ ନେବାକୁ ଠିକାଦାର ଯୋଜନା କରି ତରବରିଆ ଭାବେ ରାସ୍ତା କାମ କରିଥିଲେ। ଯେଉଥିପାଇଁ ପ୍ରଶସ୍ତୀକରଣ ସମୟରେ ରାସ୍ତା କଡ଼ରେ ପକାଯାଇଥିବା ମାଟିକୁ ଠିକ୍ ଭାବେ ସମତୁଲ ନ କରି ଏହା ଉପରେ ପିଚୁ ପକାଇଥିଲେ। ଯଦ୍ୱାରା ବାତ୍ୟା ‘ଫନୀ’ ପରେ ରାସ୍ତା ମଝିରେ ଫାଟ ସୃଷ୍ଟି ହେବା ସହ ଏହାର ପୂର୍ବପଟ ଧସେଇ ଯାଇଛି। ଏହି କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀ ଠିକ୍‌ଭାବେ ତନଖି କରି ନ ଥିବାରୁ ଏଭଳି କାର୍ଯ୍ୟ ହୋଇଥିବା ଦେଖାଯାଇଛି। ଏହି ରାସ୍ତାଟି ବଡ଼ଚଣା-ବାଲିଚନ୍ଦ୍ରପୁର ରାସ୍ତା ସହ ସଂଯୋଗ କରୁଛି। ସେଥିପାଇଁ ଏହା ମାହାଙ୍ଗା ଓ ବଡ଼ଚଣା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ଗମନାଗମନର ମୁଖ୍ୟ ରାସ୍ତା। ରାଜ୍ୟ ସରକାରଙ୍କ ତରଫରୁ ଏହି ରାସ୍ତାର ଉନ୍ନତୀକରଣ କରାଯାଇ ୨୪ ଫୁଟ ଓସାର କରାଯାଇଛି। କିନ୍ତୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ରାସ୍ତା ଫାଟି ଦୁଇ ଫାଳ ହୋଇଯାଇଛି। ଏହାର ତଦନ୍ତ କରାଯିବାକୁ ସାଧାରଣରେ ଦାବି କରାଯାଇଛି। ଏ ସମ୍ପର୍କରେ ବିଭାଗୀୟ ସହକାରୀଯନ୍ତ୍ରୀ ରୋହିତ ବିଶ୍ୱାଳଙ୍କୁ ପଚାରିବାରେ, ନୂତନ କାମ ଯୋଗୁ ଏଭଳି ଫାଟ ଦେଖାଦେଇଛି। ତୁରନ୍ତ ସଂଶୋଧନ କରାଯାଇ ପୁନର୍ବାର କାର୍ଯ୍ୟ କରାଯିବ।



## ସଂକ୍ଷେପରେ

### ବୃଦ୍ଧାଙ୍କ ସନ୍ଦେହଜନକ ମୃତ୍ୟୁ

**ରାଜକନିକା, ୧୨।୫ (ଡି.ଏନ୍.ଏ.):** ରାଜକନିକା ଥାନା ଅଧୀନ ନଙ୍ଗଲଭଞ୍ଜା ଗ୍ରାମର ଅଜୟ ମହାନ୍ତି(୬୫)ଙ୍କ ରବିବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଏ ନେଇ ଅଜୟଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଅଜୟ ସ୍ଥାନୀୟ ଏକ ହୋଟେଲରେ ରୋଷେୟା ଭାବେ କାର୍ଯ୍ୟ କରୁଥିଲେ। ଶନିବାର ସକାଳୁ ସେ ହୋଟେଲକୁ ଯିବା ପାଇଁ ଘରୁ ବାହାରି ଯାଇଥିଲେ। ମାତ୍ର ରାତିରେ ଆଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ତାଙ୍କର ପତ୍ତା ମିଳି ନଥିଲା। ରବିବାର ସକାଳୁ କାଳିକାପୁର କାଜୁ ବଗିଚା (ଶରଧାବାଲି)ରେ ସେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଗ୍ରାମର କ୍ଷୀରୋଦ ଦାଶ ଦେଖି ପରିବାର ସଦସ୍ୟଙ୍କୁ ଖବର ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ଘରକୁ ନେବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ତାଙ୍କ ମୁହଁରେ ସାମାନ୍ୟ କ୍ଷତ ଚିହ୍ନ ଥିବାବେଳେ, ହାତ ଗୋଡ଼ରେ ଗଭୀର ଆଘାତ ଲାଗିଛି। ତେବେ ଅଜୟଙ୍କ ମୃତ୍ୟୁର ପ୍ରକୃତ ରହସ୍ୟ ପଦାକୁ ଆଣିବାକୁ ତାଙ୍କ ସ୍ତ୍ରୀ ଦାବି କରିଛନ୍ତି। ଅଜୟ କାମ କରୁଥିବା ହୋଟେଲ ମାଲିକଙ୍କୁ ପୋଲିସ ପଚରା ଉଚୁରା କରିବା ସହିତ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ସଂଘବଦ୍ଧ ଆକ୍ରମଣରେ ଯୁବକ ମୃତ: ୩ ଗିରଫ

**ଅମରପାଲି, ୧୨।୫(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ତଥା ଲୁତୁରପଙ୍କ ପଞ୍ଚାୟତ ଅନ୍ତର୍ଗତ ବାବୁପାଲି ଗ୍ରାମରେ ରବିବ୍ୟାର ସକାଳେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତକ ହେଲେ ଗ୍ରାମର ଲଛମନ ଥପାଙ୍କ ଏକମାତ୍ର ପୁତ୍ର ମକାରୁ ଥପା(୨୭)। ତାଙ୍କୁ ପଡୋଶୀ ଘରର ୩ଜଣ ହତ୍ୟା କରିଥିବା ଅଭିଯୋଗ ହୋଇଛି। ସେମାନେ ହେଲେ ଭାଗୀରଥି ସାହୁ(୪୬), ତାଙ୍କ ଭାଇ ରଷଭ ସାହୁ(୫୦) ଓ ରଷଭଙ୍କ ପୁଅ ଭରତ ସାହୁ(୧୮)। ଗ୍ରାମରକ୍ଷୀଙ୍କ ଅଭିଯୋଗ ଆଧାରରେ ସୁବଳୟା ଥାନାରେ ଏକ ମାମଲା(ନଂ. ୨୩/୧୯)ରୁଜୁ ହୋଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଓ କାଠ ଫାଳିଆ ଜବତ ହୋଇଛି। ଏସ୍‌ଡିପିଓ ଧିରୋଜ ଚୋପଦାର, ଅନୁସନ୍ଧାନକାରୀ ପୋଲିସ ଅଧିକାରୀ ପ୍ରଦୀପ ପ୍ରଧାନ ଘଟଣାସ୍ଥଳକୁ ଯାଇ ତନାଘନା ଚଳାଇଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ, ରବିବାର ସକାଳ ସାଢ଼େ ୮ଟାରେ ମକାରୁ କୌଣସି କାରଣକୁ ନେଇ ଗ୍ରାମର ଭାଗୀରଥି ସାହୁଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ତାଙ୍କ ଘରକୁ ବର୍ଜ୍ୟବସ୍ତୁ ଓ ମଳ ଫିଙ୍ଗିଥିଲେ। ବାରଣ ପରେ ବି ନ ମାନିବାରୁ ପଡୋଶୀ ରଷଭ ସାହୁ ମକାରୁଙ୍କ ମା' ବୈଦେହୀଙ୍କୁ ଏ ନେଇ ଯାଇ ଜଣାଇଥିଲେ। ଏହି ସମୟରେ କ୍ରୋଧିତ ହୋଇ ମକାରୁ ଏକ ଠେଙ୍ଗାରେ ରଷଭଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଚିତ୍କାର ଶୁଣି ରଷଭଙ୍କ ପୁଅ ଭରତ ଏବଂ ଭାଇ ଭାଗୀରଥି ସଂଘବଦ୍ଧଭାବେ କାଠ ଫାଳିଆ ଓ ଠେଙ୍ଗାରେ ମକାରୁଙ୍କୁ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ଘର ସମୀପ ଲୁତୁରପଙ୍କ ହାଇସ୍କୁଲ ଆଡକୁ ମକାରୁ ଦୌଡି ପଳାଇଥିଲେ। ହେଲେ ତାଙ୍କୁ ଏହି ତିନିହେଁ ଗୋଡାଇ ଗୋଡାଇ ଆକ୍ରମଣ କରିଥିଲେ। ପ୍ରବଳ ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ହିଁ ଟଳି ପଡିଥିଲେ।

# ଧ୍ୱସ୍ତ ବିଧ୍ୱସ୍ତ ବଳଦେବଜୀଉ ବନ ପ୍ରକଳ୍ପ

- ଉପୁଡ଼ି ପଡ଼ିଛି ହଜାରରୁ ଊର୍ଦ୍ଧ୍ୱ ଗଛ
- ନୂଆ ଚାରା ରୋପଣ ଓ ରକ୍ଷଣା ବେକ୍ଷଣ ପାଇଁ ସରକାର ଦୃଷ୍ଟି ଦେବାକୁ ଦାବି


ବଳଦେବଜୀଉ ବନ ପ୍ରକଳ୍ପରେ ଶତାଧିକ ଗଛ ଭାଙ୍ଗି ପଡ଼ିଛି।

**ଫନୀ ପ୍ରଭାବ**

ଡେରାବିଶ, ୧୨।୫ (ସ୍ୱ.ପ୍ର.)

କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀବଳଦେବ ଜୀଉଙ୍କ ତାଳଧ୍ୱଜ ରଥ ପାଇଁ ଆବଶ୍ୟକ କାଠ ପାଇଁ ଡେରାବିଶ ବ୍ଲକ ଅଧୀନ ପଲେଇ ପଞ୍ଚାୟତ ସବଲଙ୍ଗସ୍ଥିତ ଡଗରପଡ଼ିଆଠାରେ ବଳଦେବଜୀଉ ବନ ପ୍ରକଳ୍ପ ଶୁଭାରମ୍ଭ ହୋଇଥିଲା। ଏହି ପ୍ରକଳ୍ପରେ ହଜାର ହଜାର ଚାରା ରୋପଣ କରାଯାଇଥିବା ବେଳେ ବାତ୍ୟା ଫନୀ ଉକ୍ତ ବନପ୍ରକଳ୍ପକୁ ସମ୍ପୂର୍ଣ୍ଣ ଉଜାଡ଼ି ଦେଇଛି। ଫନୀରେ ପ୍ରକଳ୍ପ ମଧ୍ୟରେ ଥିବା ଗଛର ଅର୍ଦ୍ଧାଧିକ ଭାଙ୍ଗି ନଷ୍ଟ ହୋଇଛି।

୨୦୦୦ ମସିହାରେ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଦ୍ୱାରା ଉଦ୍‌ଘାଟିତ ବଳଦେବଜୀଉ ଏଣ୍ଡାମେଣ୍ଟଙ୍କ ତତ୍ତ୍ୱାବଧାନରେ ଏହି ବନ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା। ଏହାପରେ ପ୍ରକଳ୍ପ ପରିଚାଳନା ଦାୟିତ୍ୱ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟଭାରତୀ ସାଥିସମାଜକୁ ଦିଆଯାଇଥିଲା। ସେତେବେଳେ ଫାଶୀ, ଲିମ୍ବ, ଆକାଶୀ ଅର୍ଜୁନ ଆଦି ୬ ହଜାର ଚାରା ଏହି ବନପ୍ରକଳ୍ପରେ ରୋପଣ କରାଯାଇଥିଲା। ପ୍ରକଳପରେ ଗଛ ଲଗା ହେବାପରେ ଅଦ୍ୟାବଧି ହାରାହାରି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଏହି ପ୍ରକଳ୍ପ ପାଇଁ ଖର୍ଚ୍ଚ କରାଯାଇଛି। ଜଙ୍ଗଲର ପୂର୍ବ ପଟେ ତାରବାଡ଼ ଦେବା ନିମନ୍ତେ ୨୦୦୭ ରେ ତତ୍କାଳୀନ ଜିଲାପାଳ ଏକଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏହଛଡ଼ା ଏହି ପ୍ରକଳ୍ପ ନିମନ୍ତେ ଅନ୍ୟ କୌଣସି ସରକାରୀ ସହାୟତା ଯୋଗାଇ ଦିଆଯାଇନାହିଁ। ୨୦୧୩ ଫାଇଲିନ୍ ବାତ୍ୟା ସମୟରେ ଏହି ଜଙ୍ଗଲରେ ୧୫୦ରୁ ଊର୍ଦ୍ଧ୍ୱ ଗଛ ଉପୁଡ଼ି ପଡ଼ିଥିଲା। ସେତେବେଳେ ଜିଲାପାଳ, ବଳଦେବଜୀଉ ଏଣ୍ଡାମେଣ୍ଟଙ୍କ ପରାମର୍ଶକ୍ରମେ ଶ୍ରୀଜୀଉଙ୍କ ରଥ ପାଇଁ ୪ ଟ୍ରକ୍ କାଠ ଉକ୍ତ ଜଙ୍ଗଲରୁ ଯୋଗାଇ ଦିଆଯାଇଥିଲା। ମାତ୍ର ଏଥର ବାତ୍ୟାରେ ଜଙ୍ଗଲରୁ ଆହୁରି ଅଧିକ ଗଛ ଉପୁଡ଼ି ପଡ଼ିଛି। ଜିଲାପାଳ, ଉପ ଜିଲାପାଳ, ବଳଦେବଜୀଉଙ୍କ ଏଣ୍ଡାମେଣ୍ଟ ଏବଂ ବନବିଭାଗର ଅଧିକାରୀଙ୍କ ପରାମର୍ଶକ୍ରମେ ଏଥର ରଥ ପାଇଁ ଉପଯୁକ୍ତ ମାପର କାଠ ଯୋଗାଇ ଦେବାକୁ ସ୍ଥିର କରାଯାଇଥିବା ଜୟଭାରତୀ ସାଥି ସମାଜର ସମ୍ପାଦକ ନିରଞ୍ଜନ ସାହୁ କହିଛନ୍ତି।

ସୂଚନାଯୋଗ୍ୟ, ୧୯୮୧ରେ ସାମାଜିକ ବନ ପ୍ରକଳ୍ପ ଯୋଜନାରେ ଏହି ସ୍ଥାନରେ ଜୟଭାରତୀ ସାଥି ସମାଜର ଶତାଧିକ ସଭ୍ୟ ଓ ପଡ଼ୋଶୀ ଗ୍ରାମବାସୀଙ୍କ ସହଯୋଗରେ ଏକ ଜଙ୍ଗଲ ତିଆରି କରାଯାଇଥିଲା। ମାତ୍ର ୧୯୯୯ ମହାବାତ୍ୟାରେ ଏହା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଏଠାରେ ପୁନଃ ଚାରା ରୋପଣ କରାଯାଇ ଜଙ୍ଗଲ ସୃଷ୍ଟି ରାଯାଇଥିଲା। ଏବେ ଜଙ୍ଗଲରେ ଅର୍ଦ୍ଧାଧିକ ଗଛ ନଷ୍ଟ ହୋଇଯିବା ପରେ ପୁଣି ଏଠାରେ ନୂଆ ଚାରା ରୋପଣ, ଏହାର ରକ୍ଷଣା ବେକ୍ଷଣ ଏବଂ ଆହୁରି ସୁନ୍ଦର କରି ଗଢ଼ିବା ପାଇଁ ସରକାର ଦୃଷ୍ଟି ଦେବାକୁ ଜୟଭାରତୀ ସାଥିସମାଜ ତରଫରୁ ଦାବି କରାଯାଇଛି।

## ବାତ୍ୟା ପ୍ରଭାବିତଙ୍କୁ ରିଲିଫ୍ ବଣ୍ଟନ



ବ୍ଲକରୁ ରିଲିଫ୍ ସାମଗ୍ରୀ ବିଭିନ୍ନ କେନ୍ଦ୍ରକୁ ପଠାଯାଉଛି।

ପାଟକୁରା, ୧୨।୫ (ଡି.ଏନ୍.ଏ.)

ଫନୀ ପ୍ରଭାବରେ ଗରଦପୁର ବ୍ଲକ ଅଞ୍ଚଳର ୧,୩୧,୧୧୬ ଲୋକ ପ୍ରଭାବିତ ହୋଇଛନ୍ତି। ବାତ୍ୟା ପ୍ରଭାବିତଙ୍କୁ ରିଲିଫ୍ ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛଇ। ବ୍ଲକ ଅଧୀନ ୧୮ ପଞ୍ଚାୟତରେ ୩ ଦିନ ପାଇଁ ରିଲିଫ୍ ଚାଉଳ ସମସ୍ତଙ୍କୁ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ରାଶନକାର୍ଡ ହିତାଧିକାରୀଙ୍କୁ ୫୦୦ଟଙ୍କା ଓ ଚାଉଳ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଅଧୀନ ୧୩୬ ଗ୍ରାମର ୫୮ ଜଣ ରିଟେଲରଙ୍କ ମାଧ୍ୟମରେ ସମସ୍ତ ହିତାଧିକାରୀଙ୍କୁ ଚାଉଳ ଯୋଗାଇ ଦିଆଯାଉଛି। ଯାଗାଣ ନିରୀକ୍ଷକ ପ୍ରଦୀପ କୁମାର ଭଞ୍ଜଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସୁଚାରୁ ରୂପେ ଚାଲୁଥିବା ଜଣାପଡ଼ିଛି। ଅନ୍ୟପଟେ ରିଲିଫ ବଣ୍ଟନରୁ ବାଦ ପଡ଼ିଥିବା ସାଧାରଣବର୍ଗଙ୍କୁ ତୁରନ୍ତ ରିଲିଫ୍ ଯୋଗାଣ ପାଇଁ ସାଧାରଣରେ ଦାବି ହୋଇଛି।

## ଶନିଶ୍ଚରଙ୍କ ଜଳାଭିଷେକ ବେଳେ ଅଘଟଣ
# ନଦୀରେ ବୁଡ଼ିଗଲେ ନାବାଳକ

**ପାଟକୁରା ୧୨।୫ (ଡି.ଏନ୍.ଏ.)**

ଶନିଦେବଙ୍କ ଜନ୍ମୋତ୍ସବ ଅବସରରେ ଶନିବାର ଗରଦପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ଶନିଶ୍ଚରଙ୍କ ମନ୍ଦିରରେ ଜଳାଭିଷେକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ଦିରରେ ପ୍ରତ୍ୟୁଷରୁ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ତେବେ ବ୍ଲକ ଅଧୀନ କଳାବୁଦାଠାରେ ଥିବା ଶନି ମନ୍ଦିରକୁ ଜଳାଭିଷେକ ପାଇଁ ଯାଇଥିବା ବେଳେ ହରିପୁର ଗ୍ରାମର ନାରାୟଣ ସାହୁଙ୍କ ପୁଅ ବାପୁନି(୧୪) ନଦୀରେ ବୁଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବାପୁନି ମା'ବାପାଙ୍କ ସହ ସକାଳୁ ଶନିଶ୍ଚରଙ୍କ ଜଳାଭିଷେକ ପାଇଁ ବାରୁଣୀ ଘାଟକୁ ପାଣି ଆଣିବାକୁ ଯାଇଥିଲେ। ଏହି ସମୟରେ ଗୋଡ ଖସିଯିବା ଯୋଗୁ ବାପୁନି ନଦୀରେ ଭାସିଯାଇଥିଲେ। କିଛି ସମୟ ଖୋଜା ଖୋଜି କରିବା ପରେ ବି ତାଙ୍କର ପତ୍ତା ମିଳି ନଥିଲା। ଖବରପାଇ ସ୍ଥାନୀୟ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଖୋଜିବା ପରେ କଳାବୁଦା ନିକଟରୁ ବାପୁନିଙ୍କୁ ଉଦ୍ଧାର କରାଯାଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ କୋରୁଆ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବାତ୍ୟା ବିପନ୍ନଙ୍କୁ ଆଳି ପୋଲିସର ସହାୟତା


ବାତ୍ୟା ବିପନ୍ନଙ୍କ ପାଇଁ ଆସିଥିବା ଖାଦ୍ୟ ସାମଗ୍ରୀ।

**ଆଳି,୧୨।୫(ଡି.ଏନ.ଏ)**

ଗତ ୩ ତାରିଖରେ ସାମୁଦ୍ରିକ ଝଡ ଫନୀ ପ୍ରଭାବରେ ଓଡ଼ିଶାର ୧୪ ଜିଲା କ୍ଷତିଗ୍ରସ୍ତ ହୋଇଥିବା ବେଳେ ଦେଢ଼କୋଟିରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ବିରାଟ ବିରାଟ ଗଛ ଉପୁଡ଼ି ପଡ଼ିବା ସହ ଶହଶହ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଉପୁଡ଼ି ପଡ଼ିଥିଲା। ଯାହାଫଳରେ ଏ ପର୍ଯ୍ୟନ୍ତ ଅଧିକାଂଶ ସ୍ଥାନରେ ବିଦ୍ୟୁତ୍ ସଂଯୋଗ ଦିଆଯାଇପାରିନାହିଁ। ଫନୀ ପ୍ରଭାବରେ ପୁରୀ ଜିଲା ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ବାତ୍ୟା ପ୍ରଭାବିତମାନେ ଦୁର୍ଦ୍ଦିନରେ ଦିନ କାଟୁଥିବା ବେଳେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ସଂଗଠନ ପକ୍ଷରୁ ସହାୟତାର ସୁଅ ଛୁଟୁଛି। ତେବେ ଆଳି ପୋଲିସ ପକ୍ଷରୁ ପୁରୀ ବାତ୍ୟା ବିପନ୍ନଙ୍କୁ ସହାୟତା ଯୋଗାଇ ଦିଆଯାଇଛି। ଆଳି ଆଇଆଇସି ସଲିଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏସ୍‌ଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ ଓ ଏଏସ୍‌ଆଇ ଭଗବାନ ମାଝି ପ୍ରମୁଖ ଚାଉଳ, ଚୁଡା ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପୁରୀ ବାତ୍ୟା ବିପନ୍ନଙ୍କ ପାଇଁ ପଠାଇଛନ୍ତି।

# ତ୍ୟାଗପୂତ ଜୀବନରେ ସେବା ମନୋଭାବ ଥାଏ

କେନ୍ଦ୍ରାପଡା ଅଫିସ, ୧୨।୫


ଛାତ୍ରୀଛାତ୍ରମାନେ ନିଃସ୍ୱାର୍ଥପର ଭାବେ ସେବା କରିବା ପାଇଁ ଶପଥ ନେଉଛନ୍ତି।

ପ୍ରତ୍ୟେକ ରୋଗୀ ମଧ୍ୟରେ ବଞ୍ଚିବାର ଆଶା ଥାଏ। ମାତ୍ର ଶାରୀରିକ ଅସୁସ୍ଥତା, ଆର୍ଥିକ ସ୍ଥିତ ଓ ପରିବେଶ ଏଥିପାଇଁ ସର୍ବଦା ଅନୁକୂଳ ନ ଥାଏ। ଏହି ସମୟରେ ସେବିକାଙ୍କ ନିଷ୍କପଟ ସେବା ସମ୍ପୃକ୍ତ ରୋଗୀଙ୍କୁ ବଞ୍ଚିବା ଆଶାକୁ ବଢ଼ାଇ ଥାଏ। ମୁହଁରେ ହସ ଓ ସେବା ମନୋଭାବ କେବଳ ସେବିକାଙ୍କ ତ୍ୟାଗପୂତ ଜୀବନରେ ମିଳିପାରେ ବୋଲି ତୁଳସୀ ଇନ୍‌ଷ୍ଟିଚ୍ୟୁଟ ଫର ନର୍ସିଂ ଏଜୁକେଶନର ବାର୍ଷିକ ଉତ୍ସବରେ ଅତିଥିମାନେ ପ୍ରକାଶ କରିଛନ୍ତି। ସହର ନିକଟ ଗୋପସ୍ଥିତ ଉକ୍ତ ଅନୁଷ୍ଠାନ ପରିସରରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ଉତ୍ସବରେ ଅଧକ୍ଷା ଜ୍ୟୋତିର୍ମୟୀ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ଡା. ବୀରେନ୍ଦ୍ର କୁମାର ଦାଶ, ମେଜର ଭରତ ଚନ୍ଦ୍ର ଜେନା, ପ୍ରଶାନ୍ତ ସାମନ୍ତରାୟ, କୁମୁଦିନୀ ଲେଙ୍କା, ଅନୁଷ୍ଠାନର ନିର୍ଦ୍ଦେଶକ ସୁଖଦା ପ୍ରସାଦ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ସେବିକା ଫ୍ଲୋରେନ୍ସଙ୍କ ୧୯୯ତମ ଜନ୍ମବାର୍ଷିକୀ ଓ ସେବିକା ସପ୍ତାହ ପାଳନ ଅବସରରେ ପ୍ରକାଶ କରିଥିଲେ ଯେ, ଭାରତୀୟ ସଂସ୍କୃତି ସେବା ଓ ତ୍ୟାଗପୂତ ଜୀବନ ଯାପନକୁ ନେଇ ଗର୍ବିତ। ମାନବିକତାକୁ ଗୁରୁତ୍ୱ ଦେଲେ ସଦାସର୍ବଦା ସୁଖୀ ହେବା ସହ ଜନମାନସରେ ଅମର ହୋଇ ରହିବ। ଅନ୍ୟ ପାଇଁ ଜୀବନ ଉତ୍ସର୍ଗ କରିବା ସେବିକାର ପ୍ରାଥମିକତା ହେବା ଉଚିତ, ଯାହା ଯୁଦ୍ଧ କ୍ଷେତ୍ରରେ ଫ୍ଲୋରେନ୍ସ ନାଇଟିଙ୍ଗଲ କରିଥିବା ସେବା ଆଜିର ଦିନରେ ଉଦାହରଣ ସାଜିଛି। ଏଥିସହ ଭଗବତ ଚେତନାକୁ ସେବା ମନୋଭାବରେ ଗୁରୁତ୍ୱ ଦେବା ପାଇଁ ଅନୁଷ୍ଠାନର ଛାତ୍ରୀଙ୍କୁ ଅତିଥିମାନେ ଉପଦେଶ ଦେଇଥିଲେ। ଏହି ଅବସରରେ ନର୍ସିଂ ଛାତ୍ରୀଙ୍କୁ ନିଃସ୍ୱାର୍ଥପର ଭାବେ ସେବା କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଶପଥ ପାଠ କରାଯାଇଥିଲା। ଉତ୍ସବ ପରିଚାଳନାରେ ପ୍ରଶିକ୍ଷିକା ଦମୟନ୍ତୀ ରାଉତ, କାମିନୀ ସେଠୀ, ଶୁଭଶ୍ରୀ ରାଉତରାୟ, ସ୍ମୃତିରେଖା ମହାପାତ୍ର, ମିତାଲି ମଧୁସ୍ମିତା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ର ଓ ଅତିଥିମାନେ ଫ୍ଲୋରେନ୍ସ ନାଇଟିଙ୍ଗଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ମହମବତି ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଓଲଟିଲା ପିକ୍‌ଅପ୍ ଭ୍ୟାନ୍, ବୃଦ୍ଧ ଗୁରୁତର

**ମହାକାଳପଡ଼ା, ୧୨।୫ (ଡି.ଏନ୍. ଏ.)**


ସାହାବାଜପୁର ନିକଟରେ ଓଲଟି ପଡ଼ିଥିବା ପିକ୍‌ଅପ୍ ଭ୍ୟାନ୍।

ମହାକାଳପଡ଼ା ବ୍ଲକ ଅଞ୍ଚଳର ଓରତରୁ ବିଜୟ ନଗର ଆସୁଥିବା ଏକ ରଡ଼ ବୋଝେଇ ପିକ୍‌ଅପ୍ ଭ୍ୟାନ୍ (ନଂ.– ଓଡ଼ି୨୯ଡୀ ୩୧୬୩) ରବିବାର ଓରତ–ବିଜୟନଗର ମୁଖ୍ୟ ରାସ୍ତାର ସାହାବାଜପୁର ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିସହ ସେହି ରାସ୍ତା ଦେଇ ସାଇକେଲରେ ଯାଉଥିବା ରାମକନି ଗ୍ରାମର ବାବାଜୀ ବେହେରା (୬୫)ଙ୍କୁ ପିକ୍‌ଅପ୍‌ଟି ଧକ୍କା ଦେବା ଯୋଗୁ ସେ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳରେ ଭର୍ତ୍ତି କରିଥିଲେ। ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

## ବିଜୟଙ୍କ ପରିବାରକୁ ସହାୟତା

**ଡେରାବିଶ, ୧୨।୫ (ସ୍ୱ.ପ୍ର.)**

ଗତ ୩ ତାରିଖରେ ହୋଇଥିବା ବାତ୍ୟା ସମୟରେ ଏକ ଗଛ ଡାଳ ପଡ଼ି ନହଙ୍ଗ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ବିଜୟ ମଲ୍ଲିକ (୪୨) ଗୁରୁତର ହୋଇଥିବା ବେଳେ କଟକ ମେଡିକାଲରେ ଶୁକ୍ରବାର ତାଙ୍କର ମ୍ୟତ୍ୟୁ ଘଟିଛି। ଖବରପାଇ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ ଓ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂ, ସରପଞ୍ଚ ଉମାକାନ୍ତ ନାୟକ ରବିବାର ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରିଛନ୍ତି।

## ମହାକାଳପଡ଼ା ୟୁଥ ଗ୍ରୁପ୍ ବୈଠକ
# ସମସ୍ୟା ପ୍ରତି ରାଜନେତା, ପ୍ରଶାସକଙ୍କ ଅଣଦେଖା

**କେନ୍ଦ୍ରାପଡା ଅଫିସ/ମାର୍ଶାଘାଇ (ଡି.ଏନ୍.ଏ.), ୧୨।୫**


ବୈଠକରେ ମହାକାଳପଡା ୟୁଥ ଗ୍ରୁପର କର୍ମକର୍ତ୍ତାମାନେ।

ଅର୍ଥନୈତିକ ଦୃଷ୍ଟିରୁ କେନ୍ଦ୍ରାପଡା ଜିଲା ରାଜ୍ୟର ୨୬ତମ ସ୍ଥାନରେ ରହିଛି। ଏହି ଜିଲାର ଉପାନ୍ତ ଅଞ୍ଚଳ ଭାବେ ଗଣା ଯାଉଥିବା ମହାକାଳପଡା ବ୍ଲକ ଅଞ୍ଚଳରେ ପାନୀୟ ଜଳ, ଗମନାଗମନ, ରାସନକାର୍ଡଠାରୁ ଆରମ୍ଭ କରି କର୍ମ ନିଯୁକ୍ତି ଆଦି ସମସ୍ୟାର ସମାଧାନ ହେଉନାହିଁ। ପ୍ରଶାସକ ଓ ରାଜନେତାମାନେ ସମସ୍ୟାଠାରୁ ଦୂରେଇ ରହୁଛନ୍ତି। ତେବେ ମହାକାଳପଡ଼ାବାସୀଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳିବା ଯାଏଁ ମହାକାଳପଡା ୟୁଥ ଗ୍ରୁପର ଲଢ଼େଇ ଜାରି ରଖିବ ବୋଲି ସଦସ୍ୟମାନେ ରବିବାର ଶପଥ ନେଇଛନ୍ତି।

ମାର୍ଶାଘାଇ ବ୍ଲକସ୍ଥିତ ଗୋଜବାୟାଣୀ ପୀଠରେ ୟୁଥ୍ ଗ୍ରୁପ୍‌ର ଆବହକ ପ୍ରତାପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ରବିବାର ପୂର୍ବାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୟୁଥ ଗ୍ରୁପର ଅଢ଼େଇ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଶତାଧିକ ଲୋକଙ୍କୁ ରାଶନକାର୍ଡ ଯୋଗାଣ, ସ୍ୱାସ୍ଥ୍ୟ ସେବା ଆଦିରେ ସହଯୋଗ କରାଯିବା ସହିତ ବ୍ଲକର ପାନୀୟ ଜଳ, ଗମନାଗମନ ଆଦି ସମସ୍ୟା ଉତ୍ଥାପନ କରାଯାଇଥିବା ବୈଠକରେ ସୂଚନା ମିଳିଥିଲା। ସେହିପରି ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଯୁବବର୍ଗଙ୍କ କର୍ମନିଯୁକ୍ତି ଭିତ୍ତିଭୂମି ପାଇଁ ଦକ୍ଷତା ତାଲିମ, ସରକାରୀ ପ୍ରୋତ୍ସାହନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ସଂଗଠନର ଶକ୍ତି ବୃଦ୍ଧି ପାଇଁ ପ୍ରତ୍ୟେକ ପଞ୍ଚାୟତରୁ ଅନ୍ୟୁନ୍ୟ ୧୦ ଜଣ ସଦସ୍ୟ ଗ୍ରହଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆଲୋଚନା ସମୟରେ ଅଞ୍ଚଳର ସମସ୍ୟା ପ୍ରତି ରାଜନେତା ଓ ପ୍ରଶାସନର ଅଣଦେଖାକୁ ବରଦାସ୍ତ କରାଯିବ ନାହିଁ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଗ୍ରୁପର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସୁନୀଲ ଗନ୍ତାୟତ, ଉପସଭାପତି ବିଭୁତିଭୂଷଣ ରାଉତ ଓ ସୂର୍ଯ୍ୟ ପାଣି, ସମ୍ପାଦକ ଲକ୍ଷ୍ମଣ ସ୍ୱାଇଁ, ସହସମ୍ପାଦକ ପ୍ରତାପ ତ୍ରିପାଠୀ ଓ ପ୍ରେମାନନ୍ଦ ଦାସ, କୋଷାଧକ୍ଷ ଭାବେ ଲକ୍ଷ୍ମୀଧର ସ୍ୱାଇଁଙ୍କୁ ଚୟନ କରାଯାଇଥିଲା। ଏଥିସହିତ କୋର କମିଟି ସଦସ୍ୟ ଭାବେ ପ୍ରଶାନ୍ତ ମହାନ୍ତି, ଚିତ୍ରସେନ ରାଉତ, ଶୁଭ୍ରଜିତ ପ୍ରଧାନ, ସମ୍ରାଟ ଦେବୋନାଥ, ପ୍ରଭାତ ଜେନା, ମାନସ ଦାସ, ସମୀର ବେହେରାଓ ଶିବଶମ୍ଭୁ ବେହେରାଙ୍କୁ ମନୋନୀତ କରାଯାଇଥିଲା। ବୈଠକ ପ୍ରାରମ୍ଭରେ ଭାଗବତପୁର ସରପଞ୍ଚ ଚିତ୍ତରଞ୍ଜନ ବେହେରାଙ୍କ ଅକାଳ ବିୟୋଗରେ ତାଙ୍କ ଆତ୍ମାର ସଦ୍‌ଗତୀ ପାଇଁ ନିରବ ପାର୍ଥନା କରାଯାଇଥିଲା। ବରିଷ୍ଠ ସାମାଜିକ କର୍ମୀ ଅମରବର ବିଶ୍ୱାଳ ବୈଠକ ପରିଚାଳନା କରିଥିଲେ।

## ଫଟୋରେ ଖବର


କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥିତ ବଳଦେବଜୀଉଙ୍କ ମନ୍ଦିର ନିକଟରେ ଅନୁଷ୍ଠିତ ରାମଲୀଳାର ଏକ ଦୃଶ୍ୟ।



ଯେଉଁମାନେ ସବୁ କଥାରେ ଅସନ୍ତୋଷ ପ୍ରକାଶ କରନ୍ତି, ସେଇମାନେ ହିଁ ସାଧାରଣତଃ ଅଳସୁଆ।
- ହେନେରୀ ଫର୍ଡ



# ଯନ୍ତ୍ରୀ, ଠିକାଦାରଙ୍କୁ ସୁହାଉଛି ବିପର୍ଯ୍ୟୟ

**ଯାଜପୁର ଅଫିସ,୧୨।୫**

ପ୍ରାକୃତିକ ବିପର୍ଯ୍ୟୟରେ ବର୍ଷବର୍ଷର ସଞ୍ଚିତ ସମ୍ବଳ, ବୃକ୍ଷ ସମ୍ପଦ, ସବୁଜ ଶସ୍ୟଶ୍ୟାମଳ, ପଲ୍ଲିଜୀବନ, ଗୃହପାଳିତ ପଶୁପକ୍ଷୀ ପ୍ରଭୃତି ନିଶ୍ଚିହ୍ନ ହୋଇପଡୁଛି। ଏଥିରେ ସାଧାରଣ ଜନତା ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ହେଲେ ଯାଜପୁର ଜିଲାରେ ସରକାରଙ୍କ ବିଭିନ୍ନ ବିଭାଗୀୟ ଅଧିକାରୀ ସର୍ବଦା ଏହାର ଫାଇଦା ଉଠାଇବା ଚକ୍ରାନ୍ତରେ ରହୁଥିବା ଦେଖିବାକୁ ମିଳିଥାଏ। ସରକାରୀ ସମ୍ପତ୍ତି ଭାବେ ରାସ୍ତାଘାଟ, ଗୃହ, ପାନୀୟ ଜଳ ପ୍ରକଳ୍ପ ଆଦି କିଛିମାତ୍ରାରେ ପ୍ରଭାବିତ ହୋଇଥାଏ ସତ, ହେଲେ ଏହାର ସୁଯୋଗରେ କୋଟିକୋଟି ଟଙ୍କା ମଞ୍ଜୁର କରାଇ ଯନ୍ତ୍ରୀ, ଠିକାଦାର ଓ ନେତା ମାଲାମାଲ ହୋଇଥାନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ତିତଲି ବାତ୍ୟା ସମୟରେ ଦେଖିବାକୁ ମିଳିଥିଲା। ସେ ସମୟରେ ସେଭଳି କ୍ଷୟକ୍ଷତି ହୋଇ ନ ଥିଲେ ହେଁ ଏହା ପ୍ରଭାବରେ ଜିଲାର କ୍ଷତିଗ୍ରସ୍ତ ପାନୀୟ ଜଳ ପ୍ରକଳ୍ପ ଓ ରାସ୍ତା ମରାମତି ନାମରେ କୋଟି କୋଟି ଟଙ୍କା ମଞ୍ଜୁର ହୋଇଥିଲା। ସେହି ଅନୁଦାନ ଅର୍ଥ କୁଆଡେ ଗଲା ; ଏଯାଏ ତାହାର କୌଣସି ସୂଚନା ମିଳିପାରି ନାହିଁ। ଅନୁରୂପଭାବେ ଗତ ୩ରେ ହୋଇଥିବା ସାମୁଦ୍ରିକ ବାତ୍ୟା ଫନୀ କ୍ଷୟକ୍ଷତି ନାମରେ ଜାରକା ଗ୍ରାମ୍ୟ ନିର୍ମାଣ(ଆରଡବ୍ଲ୍ୟୁ) ଡିଭିଜନ-୨ ପକ୍ଷରୁ ଜିଲାର ୩ଟି ବ୍ଲକ ଅଞ୍ଚଳରେ ୧୦ କୋଟି ୧୦ ଲକ୍ଷ ୫୦ ହଜାର ଟଙ୍କାର ରାସ୍ତା ଓ ଗୃହ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟ ପ୍ରଦାନ କରାଯାଇଛି। ବାସ୍ତବରେ ଯାଜପୁର ଜିଲାରେ ଫନୀ ଯୋଗୁ ଏତେ ଟଙ୍କାର ରାସ୍ତା ଓ ଗୃହ ନଷ୍ଟ ହୋଇଥିବା ରିପୋର୍ଟ ତଦନ୍ତ ସାପେକ୍ଷ ବୋଲି ମତପ୍ରକାଶ ପାଉଛି।

ସାମୁଦ୍ରିକ ବାତ୍ୟା ଫନୀ ଯୋଗୁ ଉପକୂଳବର୍ତ୍ତୀ ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର ଜିଲାରେ ଅଭୂତପୂର୍ବ ପ୍ରଳୟ ହୋଇଛି। ତେବେ ଯାଜପୁର ଜିଲାରେ ବିଦ୍ୟୁତ ଖୁଣ୍ଟ, ଚାଳଛପର ଘର, କୃଷି, ଗୃହପାଳିତ ପଶୁପକ୍ଷୀ କ୍ଷତିଗ୍ରସ୍ତ ହୋଇଛି। ହେଲେ ପକ୍କା ରାସ୍ତା ଓ ଗୃହ ସେତେଟା ପ୍ରଭାବିତ ହୋଇ ନଥିବା ଜଣାପଡିଛି। କିନ୍ତୁ ପ୍ରତି ବାତ୍ୟା କିମ୍ବା ବନ୍ୟା ପରେ ଗତାନୁଗତିକ ଭାବେ କୋଟି କୋଟି ଟଙ୍କା ମଞ୍ଜୁର କରାଇବା ଜିଲାର ପୂର୍ତ୍ତ, ଆରଡି ଏବଂ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଅଭ୍ୟାସ ହୋଇଯାଇଛି। ଏହିକ୍ରମରେ ଆରଡି ବିଭାଗ ପକ୍ଷରୁ ବଡଚଣା, ଧର୍ମଶାଳା ଓ ରସୁଲପୁର ବ୍ଲକର ୪୮ଟି ସରକାରୀ ଗୃହ ନାମରେ ୧୭୭ ଲକ୍ଷ ଟଙ୍କାର ପ୍ରାଥମିକ କ୍ଷତି ହୋଇଥିବା ଦର୍ଶାଯାଇ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଅନୁରୂପ ଭାବେ ୪୫ଟି ବିଭିନ୍ନ ରାସ୍ତାର ତୁରନ୍ତ ପୁନରୁଦ୍ଧାର ଓ ସ୍ଥାୟୀ ପୁନରୁଦ୍ଧାର ପାଇଁ ୮କୋଟି ୩୩ଲକ୍ଷ ୫୦ହଜାର ଟଙ୍କାର ଅଟକଳ ପ୍ରସ୍ତୁତ ହୋଇଛି। ଏଥିରେ ସରକାରୀ ଆବାସିକ ଗୃହ ବାବଦରେ ଗ୍ରାମ୍ୟ ଜାରକା ଆରଡବ୍ଲ୍ୟୁ-୨ ଷ୍ଟାଫ କ୍ୱାର୍ଟରର କମ୍ପାଉଣ୍ଡ ୱାଲ କ୍ଷତିଗ୍ରସ୍ତ, ଧର୍ମଶାଳା ସିଏଚ୍‌ସି ଷ୍ଟାଫ କ୍ୱାର୍ଟର ଏବଂ ଧର୍ମଶାଳା ଥାନା କନଷ୍ଟେବଲ କ୍ୱାର୍ଟର, ଏଏସଆଇ ଓ ଆଇଆଇସି କ୍ୱାର୍ଟରର ଏସ୍‌ସି ସିଟ, ଝରକା ଓ କବାଟ କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଯାଇଛି । କେବଳ ଏହି ୫ଟି ଆବାସିକ ଗୃହ ପାଇଁ ୨୩ଲକ୍ଷ ୫୦ ହଜାର ଟଙ୍କାର ବ୍ୟୟ ଅଟକଳ ହୋଇଛି। ସେହିପରି ଜାରକା ଆରଡବ୍ଲ୍ୟୁ ଡିଭିଜନ-୨ କାର୍ଯ୍ୟାଳୟର କମ୍ପାଉଣ୍ଡ ୱାଲ, ଖଣ୍ଡିଆଳ ହାଇସ୍କୁଲ, ସମରେଶ୍ୱର ବିଦ୍ୟାପୀଠ, ବନ୍ତଳା ଜନତା ବିଦ୍ୟାପୀଠ, ମୂଷାଟିକିରି ହାଇସ୍କୁଲ, ବୈରୀ ହାଇସ୍କୁଲ, ବାଲିଚନ୍ଦ୍ରପୁର ହାଇସ୍କୁଲ ପ୍ରମୁଖ ୪୩ଟି ସରକାରୀ ଗୃହ କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଯାଇଛି। ଏଥିପାଇଁ ୧କୋଟି ୫୩ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଛି। ସେହିପରି ଆରଡି ରାସ୍ତା ଭାବେ ହରିପୁର-କରଜଙ୍ଗ ରାସ୍ତା, ବାରବାଟି-ରସୁଲପୁର ରାସ୍ତା, ଜାବରା-ସାରଙ୍ଗପୁର, ଚଣ୍ଡୀପୁର-କୋଳଥଳ, ଏନଏଚ ୧୬-ଭାଲୁଖାଇ, ବଲାଙ୍ଗିଆ-କୁସୁନପୁର, ପଲେଇ-ଭରତପୁର ପ୍ରମୁଖ ୨୩ଟି ରାସ୍ତାର ତୁରନ୍ତ ପୁନରୁଦ୍ଧାର ଓ ସ୍ଥାୟୀ ପୁନରୁଦ୍ଧାର ପାଇଁ ୪୫୭.୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଭାବେ ଆରଡି ରାସ୍ତା-ଭଗତଭଗବାନପୁର, ମଠସାହି-ଟିକରପଡା, ଆରଡି ରାସ୍ତା-ନୂଆହାଟ, କ୍ଷେତ୍ରପାଳ-କଣ୍ଟାବଣିଆ ରାସ୍ତା ପ୍ରମୁଖ ୨୨ଟି ରାସ୍ତା ପାଇଁ ତୁରନ୍ତ ପୁନରୁଦ୍ଧାର ଓ ସ୍ଥାୟୀ ପୁନରୁଦ୍ଧାର ପାଇଁ ୩୭୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିବା ବିଭାଗୀୟ ରିପୋର୍ଟରୁ ଜଣାପଡିଛି।

ଉଲ୍ଲେଖଯୋଗ୍ୟ ଯେ, ଗତ ତିତଲି ଯୋଗୁ ଜିଲାର ୧୦୪ଟି ପାଇପ ଜଳଯୋଗାଣ ପ୍ରକଳ୍ପର ତୁରନ୍ତ ମରାମତି ଓ ପୁନରୁଦ୍ଧାର ପାଇଁ ୧କୋଟି ୫୩ଲକ୍ଷ ୯୭ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ତେବେ ତିତଲିରେ କୌଣସି ଜଳଯୋଗାଣ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇ ନ ଥିଲେ ହେଁ ଏହି ଆବଣ୍ଟିତ ଅର୍ଥକୁ ମିଥ୍ୟା ବିଲ ଭାଉଚର କରି ହଡପ କରାଯାଇଥିବା ସନ୍ଦେହ କରାଯାଉଛି । ସେହିପରି ଚାରଭାଟିଆ ପୂର୍ତ୍ତ ବିଭାଗ ଡିଭିଜନ (ଆର ଆଣ୍ଡ ବି) ଅଧୀନ ୧୮ଟି ରାସ୍ତାର ୪୭.୪୪ କି.ମି. କ୍ଷତି ହୋଇଥିବା ଦର୍ଶାଇ ୩୯୧.୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିଲା । ଏହି ଅର୍ଥ ମଧ୍ୟ ଖର୍ଚ୍ଚ ହୋଇଛି କି ନାହିଁ ତାହା ସନ୍ଦେହରେ ରହିଛି। ଏଭଳି ଭାବେ ବାତ୍ୟା ଓ ବନ୍ୟା ହେଲେ ଯନ୍ତ୍ରୀ, ଠିକାଦାର ଓ ନେତା ମାଲାମାଲ ହେଉଥିବା ଅନେକ ନଜିର ରହିଛି। ତେଣୁ ଆବଶ୍ୟକ ତଦନ୍ତ କରି ସାଧାରଣ ଲୋକଙ୍କ ଟିକସ ଅର୍ଥରେ ଆବଣ୍ଟିତ ଅନୁଦାନକୁ ଠିକ ଭାବେ ଖର୍ଚ୍ଚ କରିବାକୁ ସାଧାରଣରେ ଦାବି ହୋଇଛି । ତେବେ ଏ ସଂକ୍ରାନ୍ତରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କହିଛନ୍ତି, ଫନି କ୍ଷୟକ୍ଷତିର ରିପୋର୍ଟ ଆଧାରରେ ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଛି । ଏଥିରେ କୌଣସି ଅନିୟମିତତା ହେବାର ସମ୍ଭାବନା ନାହିଁ ।

**ଧର୍ମଶାଳା, ରସୁଲପୁର ଓ ବଡଚଣା ବ୍ଲକ**




ଆରଡି କାର୍ଯ୍ୟାଳୟର ଆଜବେଷ୍ଟସ୍ ଉପରେ ଏକ ଗଛ ଭାଙ୍ଗିପଡ଼ିଥିବା ବେଳେ ଏହାର ମରାମତି ପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

- ରାସ୍ତା, ଗୃହ ନାମରେ ୧୦.୧୦ କୋଟି ବ୍ୟୟ ଅଟକଳ
- ୪୮ଟି ସରକାରୀ ଗୃହ, ୪୫ଟି ରାସ୍ତା କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଯାଇଛି
- ସାମାନ୍ୟ କ୍ଷତିର ଭରଣା ପାଇଁ ଅଟକଳ ହୋଇଛି ଲକ୍ଷାଧିକ ଟଙ୍କା

## ସଂକ୍ଷେପରେ

### ଟ୍ରକ୍-ଆମ୍ବୁଲାନ୍ସ ମୁହାଁମୁହିଁ : ୩ ଆହତ

**ଚଣ୍ଡିଖୋଲ,୧୨।୫(ଡି.ଏନ.ଏ.):** ଚଣ୍ଡିଖୋଲ-କଟକ ୧୬ ନଂ. ଜାତୀୟ ରାଜପଥର ବଡ଼ଚଣା ଥାନା ନିକଟ ଗଣ୍ଡିଛକରେ ଶନିବାର ରାତି ପ୍ରାୟ ୧୧ଟାରେ ଏକ ମୋଟରସାଇକେଲ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ସେହି ସମୟରେ କଟକରେ ରୋଗୀ ଛାଡ଼ି କେନ୍ଦ୍ରାପଡ଼ା ଫେରୁଥିବା ଏକ ଆମ୍ବୁଲାନ୍ସ (ନଂ. ଓଡି-୦୨ଜେ-୯୪୬୨)କୁ ଅଟକାଇ ଲୋକେ ଆହତ ବ୍ୟକ୍ତିଙ୍କୁ ବଡ଼ଚଣା ଡାକ୍ତରଖାନାକୁ ପଠାଇଥିଲେ। ଦୁର୍ଭାଗ୍ୟବଶତଃ ଉକ୍ତ ଆମ୍ବୁଲାନ୍ସ ଆହତଙ୍କୁ ନେଇ ଡାକ୍ତରଖାନା ଯାଉଥିଲା। ପ୍ରାୟ ୧ କି.ମି. ଯିବା ପରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ (ନଂ. ଓଆର-୦୫ଇ-୨୮୧୬) ଆମ୍ବୁଲାନ୍ସକୁ ସମନା ପଟୁ ଧକ୍କା ଦେଇଥିଲା। ଫଳରେ ଡାକ୍ତରଖାନା ଯାଉଥିବା ଆହତ ବ୍ୟକ୍ତିଙ୍କ ସହ ଆମ୍ବୁଲାନ୍ସ ଡ୍ରାଇଭର ଓ ହେଲପର ଆହତ ହୋଇଥିଲେ। ଖବରପାଇ ବଡ଼ଚଣା ପୋଲିସ ଘଟଣାସ୍ଥଳରୁ ୩ ଜଣଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହ ଟ୍ରକ୍ ଜବତ କରିଥିଲା।

### ସାନି ନିର୍ବାଚନ ପାଇଁ ପୋଲିସର ପ୍ରସ୍ତୁତି

**ରତ୍ନଗିରି,୧୨।୫(ଡି.ଏନ.ଏ.):** ୪ର୍ଥ ପର୍ଯ୍ୟାୟ ନିର୍ବାଚନରେ ବରୀ ନିର୍ବାଚନମଣ୍ଡଳୀରେ ଜବରଦଖଲ ହୋଇଥିବା ୫ଟି ବୁଥ୍‌ରେ ୧୯ରେ ସାନି ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଏହି ନିର୍ବାଚନମଣ୍ଡଳୀର ବୁଥ୍ ନଂ.୮୨, ୧୫୮, ୧୬୨, ୧୬୩ ଓ ୧୯୪ରେ ସାନି ନିର୍ବାଚନ ହେବ। ଏନେଇ ବରୀ ପୋଲିସ ପକ୍ଷରୁ ସତର୍କତା ଅବଲମ୍ବନ କରାଯିବା ସହ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ଦେଖିବାକୁ ମିଳିଛି। ଶନିବାର ବିଳମ୍ବିତ ରାତିରେ ୨ ପ୍ଲାଟୁନ ପୋଲିସ ଫୋର୍ସ ବ୍ଲକ କାର୍ଯ୍ୟାଳୟଠାରୁ ରାମଚନ୍ଦ୍ରପୁର, ଅଳିପୁର ଓ ବାଲିବିଲି ରାଜସ୍ୱ ଗ୍ରାମରେ ଫ୍ଲାଗ ମାର୍ଚ୍ଚ କରିଥିବା ଦେଖିବାକୁ ମିଳିଥିଲା। ଚଳିତ ନିର୍ବାଚନରେ ସମ୍ପୃକ୍ତ ବୁଥ୍‌ରେ ବିଶୃଙ୍ଖଳା ସୃଷ୍ଟି ହେବାରୁ ସାନି ମତଦାନ ସମୟରେ ଆଇନଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବରୀ ଥାନାଧିକାରୀ ଚକ୍ରପତି କଅଁର ପ୍ରକାଶ କରିଛନ୍ତି।

### ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ମୃତିଚାରଣ ସଭା

**ଯାଜପୁରରୋଡ,୧୨।୫(ନି.ପ୍ର.):** ବ୍ୟାସନଗରର ବରିଷ୍ଠ ନାଗରିକ ମଞ୍ଚର ସହକାରୀ ସମ୍ପାଦକ ଘନଶ୍ୟାମ ସାହାଣୀଙ୍କ ଅକାଳ ବିୟୋଗରେ ମଞ୍ଚ ପକ୍ଷରୁ ରବିବାର ନିଜସ୍ୱ କାର୍ଯ୍ୟାଳୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ଉପେନ୍ଦ୍ରନାଥ ବେଉରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସଭାପତି ନୃସିଂହଚରଣ ପରିଡା, ସମ୍ପାଦକ ଚନ୍ଦ୍ରମଣି ସାମଲ, କୋଷାଧ୍ୟକ୍ଷ ନିକୁଞ୍ଜବିହାରି ଧଳ, ସଭ୍ୟ ବିଷ୍ଣୁମୋହନ ସାହୁ, ଘନଶ୍ୟାମ ରାଉତ, ସଭ୍ୟ ପ୍ରଫୁଲ୍ଲ କୁମାର ନାୟକ, ଲମ୍ବୋଦର ମଲ୍ଲିକ, ନାରାୟଣଚନ୍ଦ୍ର ସାହୁ, ସନାତନ ମଲିକ, ଲୋକନାଥ ରାଉତ ପ୍ରମୁଖ ସ୍ୱର୍ଗତ ସାହାଣୀଙ୍କ ସ୍ମୃତିଚାରଣ କରିଥିଲେ ।

### ମା'ଙ୍କ ମୃତଦେହ, ଗୁରୁତର ଅବସ୍ଥାରେ ଝିଅଙ୍କୁ ଉଦ୍ଧାର ଘଟଣା
### ସ୍ୱଧାର ଗୃହକୁ ଗଲେ ପୀଡିତା

**ଧର୍ମଶାଳା,୧୨।୫(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ଦେଉଳୀ ପାହାଡରୁ ଗତ ୨ ତାରିଖରେ ମା'ର ମୃତଦେହ ଓ ଝିଅଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ଉଦ୍ଧାର କରିଥିଲା। ପୀଡିତାଙ୍କ ବୟାନ ରେକର୍ଡ ପରେ ରବିବାର ତାଙ୍କୁ ଯାଜପୁର ସ୍ୱଧାର ଗୃହକୁ ପଠାଯାଇଥିବା ଜଣାପଡିଛି। ଶନିବାର ଚଣ୍ଡିଖୋଲ କୋର୍ଟ ଅତିରିକ୍ତ ଦୌରାଜଜ୍ ବିଷ୍ଣୁ ପ୍ରଶାଦ ମିଶ୍ର ବୟାନ ରେକର୍ଡ କରିଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା (୨୧୬/୧୯) ରୁଜୁକରି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି।

## ୧୩୫, ୧୯୧ ନଂ. ବୁଥରେ ହେବ ସାନି ମତଦାନ

**ଦଶରଥପୁର,୧୨।୫ (ଡିଏନ୍ଏ)**

ଯାଜପୁର ଜିଲାରେ ଗତ ୨୯ ତାରିଖ ୪ର୍ଥ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଦଶରଥପୁର ବ୍ଲକ ଅଧୀନ ଥାଲକୁଡି ପଞ୍ଚାୟତ ଥାଲକୁଡି ପ୍ରୋଜେକ୍ଟ ୟୁପି ସ୍କୁଲଠାରେ ହୋଇଥିବା ୧୯୧ ନମ୍ବର ବୁଥ୍‌ର ପ୍ରିଜାଇଡିଂ ଅଫିସର କାର୍ଯ୍ୟରେ ଅବହେଳା କରିଥିବା ନେଇ ଅଭିଯୋଗ ହୋଇଥିଲା। ସେହିପରି ଏହି ନିର୍ବାଚନମଣ୍ଡଳୀର ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପ୍ରାଇମେରୀ ସ୍କୁଲରେ ହୋଇଥିବା ୧୩୫ ନଂ. ବୁଥ୍‌ର ପ୍ରିଜାଇଡିଂ ଅଫିସରଙ୍କ କାର୍ଯ୍ୟରେ ଅବହେଳା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ଫଳରେ ଉଭୟ ବୁଥ୍‌ରେ ଆସନ୍ତା ୧୯ ତାରିଖରେ ସାନି ମତଦାନ ଅନୁଷ୍ଠିତ ହେବ ବୋଲି ରାଜ୍ୟ ନିର୍ବାଚନ ଆୟୋଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ ୩ ପ୍ରମୁଖ ଦଳର ପ୍ରାର୍ଥୀ ଘରଘର ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ୧୯୧ ନଂ. ବୁଥ୍‌ରେ ପ୍ରିଜାଇଡିଂ ଅଫିସରଭାବେ ନିୟୋଜିତ ଥିବା କର୍ମଚାରୀ ମତଦାନ ସମୟରେ ଫୋନ୍‌ରେ ଦୀର୍ଘ ସମୟ ଧରି ଗପିବା ସହ ସରକାରଙ୍କ ପକ୍ଷରୁ ରହିଥିବା ନିୟମର ଉଲ୍ଲଂଘନ କରିଥିଲେ। ଫଳରେ ଯାଜପୁର ଜିଲାପାଳ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ। ଏହି ପର୍ଯ୍ୟାୟରେ ଉକ୍ତ ବୁଥ୍‌ରେ ସାନି ନିର୍ବାଚନ ହେବା ଲାଗି ରାଜ୍ୟ ନିର୍ବାଚନ ଆୟୋଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ଜାଣିବା ପରେ ୩ ରାଜନୈତିକ ଦଳର ପ୍ରାର୍ଥୀ ୪/୫ ଦିନ ହେଲା ଏଠାରେ ଡେରା ପକାଇ ସାରିଥିବା ଦେଖିବାକୁ ମିଳିଛି। ଥାଲକୁଡି ପଞ୍ଚାୟତର ୭ ନଂ ଏବଂ ୮ ନଂ ୱାର୍ଡର ମୋଟ୍ ୯୫୧ ଭୋଟର ଏଥିରେ ମତଦାନ କରିବେ। ତେବେ ଏହି ଭୋଟରଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ଲାଗି ଭାଜପା ଓ ବିଜେଡି ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଏଥିପାଇଁ ମୋଟା ଅଙ୍କର ଅର୍ଥ କାରବାର ହୋଇପାରେ ବୋଲି ଶୁଣିବାକୁ ମିଳୁଛି । ଗତ ୨୯ ତାରିଖ ମତଦାନରେ ୧୯୧ ନଂ ବୁଥ୍‌ରେ ମୋଟ୍ ୯୫୧ ଭୋଟରଙ୍କ ମଧ୍ୟରୁ ୬୮୩ ଭୋଟ୍ ପୁଲିଂ ହୋଇଥିବା ଜଣାଯାଇଛି। ସେହିପରି ୧୩୫ ନଂ. ବୁଥ୍‌ରେ ମୋଟ୍ ୧୨୯୬ ଭୋଟର ଥିବାବେଳେ ଏଠାରେ ୯୦୩ ଭୋଟ୍ ପୁଲିଂ ହୋଇଥିଲା।



ବିଜେଡିର ଏମ୍‌ପି ଓ ବିଧାୟିକା ପ୍ରାର୍ଥୀନୀ ଭୋଟ ଭିକ୍ଷା କରୁଛନ୍ତି।

**ବିଞ୍ଝାରପୁର ନିର୍ବାଚନମଣ୍ଡଳୀ**

## ମଧୁପୁରଗଡ଼ ସରପଞ୍ଚଙ୍କ ସଭ୍ୟପଦ କାଏମ

**ଚଢ଼େଇଧରା,୧୨।୫(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ ସରପଞ୍ଚ ଝୁମୁରୀ ନାୟକଙ୍କ ସଭ୍ୟପଦ କାଏମ ରହିଛି। ଏ ନେଇ ଗୁରୁବାର ଚଣ୍ଡିଖୋଲ କୋର୍ଟ ସିଭିଲ ଜଜ୍, ଜୁନିୟର ଡିଭିଜନ ତଥା ନିର୍ବାଚନ ନ୍ୟାୟାଧିକରଣ ଇଜିଲାସ୍ର ବିଚାରପତି ନେହା ଅଗ୍ରୱାଲ ଆଦେଶନାମା ଜାରି କରିଥିବା ଜଣାପଡିଛି। ପ୍ରକାଶ ଯେ, ଗତ ୧୩।୨।୨୦୧୭ରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ମଧୁପୁରଗଡ଼ ସରସପଞ୍ଚ ଭାବେ ଝୁମୁରୀ ନାୟକ ନିର୍ବାଚିତ ହୋଇଥିଲେ। ମାତ୍ର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଆରତୀ ବେହେରା ନିର୍ବାଚିତ ସରପଞ୍ଚଙ୍କ ଶିକ୍ଷାଗତ ଯୋଗ୍ୟତା ନ ଥିବା ସହ ଓଡ଼ିଆ ଲେଖି ପଢ଼ି ଜାଣି ନ ଥିବା ହେତୁ ଓଡ଼ିଶା ଗ୍ରାମପଞ୍ଚାୟତ ବିଧି ୧୧ (ଖ) ଧାରାରେ ସରପଞ୍ଚ ପଦବୀ ରଦ୍ଦ କରିବା ପାଇଁ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଉଭୟ ପକ୍ଷଙ୍କ ଯୁକ୍ତିକୁ ବିଚାର କରି ୯।୫।୧୯ରେ ସରପଞ୍ଚ ଝୁମୁରୀ ନାୟକ ଓଡ଼ିଆ ଲେଖିପଢ଼ି ପାରୁଥିବାର ପ୍ରମାଣ ଦର୍ଶାଇଥିବାରୁ ଆବେଦନ କରାଯାଇଥିବା ଦରଖାସ୍ତକୁ ରଦ୍ଦ କରିଛନ୍ତି। ଉକ୍ତ ମାମଲାକୁ ବରିଷ୍ଠ ଆଇନଜୀବୀ ପ୍ରେମାନନ୍ଦ ବେହେରା ଓ ଫାଲ୍‌ଗୁନୀ ବିଶ୍ୱାଳ ପରିଚାଳନା କରିଥିଲେ।

## ପୁଅ, ଝିଅ ଚିନ୍ତାରେ ବାପାଙ୍କ ଆତ୍ମହତ୍ୟା
# ଶୁଦ୍ଧିକ୍ରିୟା ପାଇଁ ପୁଅ ଅପେକ୍ଷାରେ ବିଧବା ମା'

**ରସୁଲପୁର,୧୨।୫(ଡିଏନଏ)**

- ପୁଅ, ଝିଅ ଉଭୟ ପ୍ରେମ ବିବାହ କରି ଚାଲିଗଲେ
- ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଥିଲେ ନବଘନ
- ବାପାଙ୍କ ମୃତ୍ୟୁର ୬ଦିନ ପରେ ବି ଘରକୁ ଫେରିନାହାନ୍ତି ପୁଅ

ପୁଅ ଝିଅଙ୍କ ଚିନ୍ତାରେ ଚାଲିଗଲା ବାପାଙ୍କ ଜୀବନ। ଉଭୟ ପୁଅ ଝିଅ ମନ ମୁତାବକ ପ୍ରେମ ବିବାହ କରି ଘରୁ ଚାଲିଯିବା ପରେ ମାନସିକ ସନ୍ତୁଳନ ହରାଇ ବିଷ ପିଇଦେଇଥିଲେ ବାପା। ଫଳରେ ଗତ ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୁଖାଗ୍ନି ଦେବାକୁ ପୁଅ ଅପେକ୍ଷାରେ ରହିଲେ ପରିବାର ଲୋକେ। ମାତ୍ର ପୁଅ ନ ଆସିବାରୁ ପୁତୁରା ମୁଖାଗ୍ନି ଦେଇଥିଲେ। ଘଟଣାର ୬ଦିନ ପରେ ବି ବିଧବା ମା'ର ଆଶା ତୁଟିନି। ଅପେକ୍ଷା କରି ରହିଛନ୍ତି ପୁଅ ଆସିବ ଓ ଶୁଦ୍ଧିକ୍ରିୟା ସମ୍ପନ୍ନ କରିବ। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ରସୁଲପୁର ବ୍ଲକ ଅନ୍ତର୍ଗତ ରସୁଲପୁର ଗ୍ରାମରେ। ପୁଅ, ଝିଅ ଓ ସ୍ତ୍ରୀଙ୍କୁ ନେଇ ନବଘନ ପରିଡା(୫୦)ଙ୍କର ପରିବାର। ନବଘନ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଏଣେତେଣେ କାମଧନ୍ଦା କରି ପରିବାର ପୋଷୁଥିଲେ। ଗତ ସପ୍ତାହରେ ନବଘନଙ୍କ ପୁଅ ପ୍ରେମିକା ସହ ଫେରାର ହୋଇଯିବାର କିଛି ଦିନ ପରେ ଝିଅ ବି ପ୍ରେମ ବିବାହ କରି ଚାଲିଯାଇଥିଲେ। ଏହି ଘଟଣା ତାଙ୍କୁ ଖୁବ ଆଘାତ ଦେଇଥିଲା। ଫଳରେ ସେ ମାନସିକ ସନ୍ତୁଳନ ହରାଇ ସୋମବାର ବିଷ ପିଇ ଦେଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ଗତ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା। ପୁଅ ଝିଅ ଚାଲିଯିବା ପରେ ସ୍ୱାମୀଙ୍କୁ ହରାଇ ବିଧବା ସ୍ତ୍ରୀ ସମ୍ପୂର୍ଣ୍ଣ ଏକୁଟିଆ ହୋଇଯାଇଛନ୍ତି। ପୁଅର ଫେରିବା ବାଟକୁ ପରିବାର ଲୋକେ ଚାହିଁବସିଛନ୍ତି। ତାଙ୍କ ଫୋନ୍ ଲାଗୁ ନ ଥିବାବେଳେ ସେ କେଉଁଠି ଅଛନ୍ତି ତାହା କାହାକୁ ଜଣାନାହିଁ। ବାପାଙ୍କ ମୃତ୍ୟୁ ଖବର ତାଙ୍କ ପାଖରେ ପହଞ୍ଚିଛି କି ନାହିଁ, ତାହା ବି ଅଜଣା। ହେଲେ ବାପାଙ୍କ ଆତ୍ମାଶାନ୍ତି ପାଇଁ ପୁଅ ପିଣ୍ଡ ଦାନ କରୁ ବୋଲି ମା' କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି।

## ରିଲିଫ୍ ଚାଉଳ ବଣ୍ଟନରେ ହେରଫେର ଅଭିଯୋଗ

**କଳିଙ୍ଗନଗର,୧୨।୫(ଡି.ଏନ.ଏ)**

ସୁକିନ୍ଦା ବ୍ଲକ ସଂଶାଇଲୋ ପଞ୍ଚାୟତରେ ରିଲିଫ୍ ଚାଉଳ ବଣ୍ଟନକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାରୀ ନିର୍ଦ୍ଦେଶ ମୁତାବକ, ୩ ଦିନ ନିମନ୍ତେ ୧୨ ବର୍ଷ ବୟସରୁ ଊର୍ଦ୍ଧ୍ୱଙ୍କ ପାଇଁ ୧ କେଜି ଚାଉଳ ହିସାବରେ ୩ କେଜି ଓ ୧୨ରୁ କମ୍ ବୟସର ପିଲାଙ୍କ ପାଇଁ ୫୦୦ ଗ୍ରାମ ଅନୁସାରେ ପ୍ରତି ପିଲା ପିଛା ୧.୫ କେଜି ଚାଉଳ ମିଳିବା କଥା। କିନ୍ତୁ ଛୋଟ ପିଲାଙ୍କୁ ମିଳିବାକୁ ଥିବା ଚାଉଳ ହଡ଼ପ କରାଯାଉଥିବା ଶୁଣିବାକୁ ମିଳିଛି। କେତେଜଣ ସରକାରୀ କର୍ମଚାରୀ, ପରିବହନ ଠିକାଦାର ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସଲାସୁତରାରେ ଛୋଟ ପିଲାଙ୍କ ନାମ ଏଥିରୁ ବାଦ୍ ପଡିଥିବା କୁହାଯାଉଛି। ଅପରପକ୍ଷରେ ଚାଉଳ ଓଜନରେ ବ୍ୟାପକ ହେରଫେର କରାଯାଉଥିବା ଦେଖିବାକୁ ମିଳିଛି। ଓଜନ କରି ଚାଉଳ ଦେବା ବଦଳରେ ଡବା ହିସାବରେ ଚାଉଳ ଦିଆଯାଉଛି ; ଯାହାକି କେଜିଏ ଜାଗାରେ ୮୦୦ ଗ୍ରାମ ହେଉଥିବା ସଂଶାଇଲୋ ପଞ୍ଚାୟତର ଅରାସାହି, ହିଳବାହାଳି, ଓ ସଂଶାଇଲୋ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସୁକିନ୍ଦା ବିଡିଓ ବିଶ୍ୱଜିତ୍ ଦାଶଙ୍କୁ ପଚାରିବାରୁ, ପ୍ରଥମ ପର୍ଯ୍ୟାୟରେ ଆସିଥିବା ଚାଉଳ ଦିଆଯାଉଛି। ଯଦି ସେଥିରୁ କେହି ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଶନିଶ୍ଚରଙ୍କ ଜଳାଭିଷେକ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୧୨।୫ (ଡି.ଏନ.ଏ/ସ୍ୱ.ପ୍ର)**

ପବିତ୍ର ଶନିଶ୍ଚର ଓଷା ଉପଲକ୍ଷେ ଶନିବାର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁମାନେ ଜଳାଭିଷେକ କରିଛନ୍ତି। ବଡ଼ଚଣା ବ୍ଲକ ଅନ୍ତର୍ଗତ ତଲୁଆ ଶନିଘାଟଠାରେ ପ୍ରାତଃ ସମୟରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଦୂରଦୂରାନ୍ତରୁ ଆସି ପହଞ୍ଚିଥିଲେ। କେଲୁଅ ନଦୀରୁ ଭକ୍ତମାନେ ଜଳ ଆଣି ଶନିଶ୍ଚରଙ୍କ ଜଳାଭିଷେକ କରୁଥିବା ଦେଖାଯାଇଥିଲା। ବଡ଼ଚଣା, ଧର୍ମଶାଳା, ବରୀ, ଡ଼େରାବିଶ, ପଟାମୁଣ୍ଡାଇ, ଆଳି, ରାଜନଗର, ରାଜକନିକା ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତ ଆସିଥିଲେ। ସେଥିପାଇଁ ବାଲିଚନ୍ଦ୍ରପୁର ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସେହିଭଳି ଏହି ବ୍ଲକ ଅନ୍ତର୍ଗତ ଗଜେନ୍ଦ୍ରପୁର, ନାନପୁର ପାଟଣା ଓ ଖଏରାଠାରେ ଥିବା ଶନିଶ୍ଚର ମନ୍ଦିରରେ ଭକ୍ତମାନେ ଜଳାଭିଷେକ କରିଥିଲେ।

## ୭ ଗାଁକୁ ୧୬୦ କୁଇଣ୍ଟାଲ ଚାଉଳ

**ରସୁଲପୁର,୧୨।୫(ଡିଏନଏ)**

ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତରେ ରିଲିଫ ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଛି। ଏହିକ୍ରମରେ ସରକାରଙ୍କ ପକ୍ଷରୁ ୭ଟି ଗାଁର ଲୋକଙ୍କୁ ୩ଦିନ ପାଇଁ ୧୬୦ କୁଇଣ୍ଟାଲ ଚାଉଳ ଯୋଗାଇ ଦିଆଯାଇଛି। ଗାଁଗୁଡ଼ିକରେ ଉକ୍ତ ଚାଉଳ ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଛି । ରିଲିଫ ଚାଉଳ ବଣ୍ଟନରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ଜଣେ ଶିକ୍ଷକଙ୍କୁ ନୋଡାଲ ଅଧିକାରୀଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ଏଥିସହ ପଞ୍ଚାୟତର ରିଟେଲର କାମିନୀପ୍ରଭା ଦାସଙ୍କ ହେପାଜତରେ ପଞ୍ଚାୟତର ସମସ୍ତ ରିଲିଫ ଚାଉଳ ଗଚ୍ଛିତ ରହିଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଧିର ମହାନ୍ତି, ସରପଞ୍ଚ ଅକ୍ଷୟ କୁମାର ମଲିକ, ନୋଡାଲ ଅଧିକାରୀ ପ୍ରଭାତ କୁମାର ନାଥ, ୱାର୍ଡସଭ୍ୟ ସୁରେନ୍ଦ୍ର ଦାସ, ବିଶ୍ୱନାଥ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ଚାଉଳ ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ ବଡ ଲୋକଙ୍କ ମୁଣ୍ଡପିଛା ୧କିଲୋ, ପିଲାଙ୍କ ପାଇଁ ୫୦୦ଗ୍ରାମ ହାରରେ ୩ଦିନ ପାଇଁ ଚାଉଳ ବଣ୍ଟନ କରାଯାଇଛି । ବଣ୍ଟନ କାର୍ଯ୍ୟ ସୁରୁଖୁରୁରେ ଶେଷ ହୋଇଥିବା ନେଇ ପଞ୍ଚାୟତ ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ବଡ଼ ରମ୍ପେଇ, ଇଚ୍ଛାପୁର, ସେରପୁର ଆଦି ଗ୍ରାମରେ ଚାଉଳ ବଣ୍ଟାଯାଇଛି। ଆସନ୍ତା ଦିନେ ଦୁଇଦିନରେ ଅନ୍ୟସବୁ ଗ୍ରାମରେ ରିଲିଫ ଚାଉଳ ବଣ୍ଟାଯିବ ବୋଲି ନିର୍ବାହୀ ଅଧିକାରୀ ମହାନ୍ତି ପ୍ରକାଶ କରିଛନ୍ତି।

**ରିଲିଫ ବଣ୍ଟନ ଆରମ୍ଭ**

# ପାନୀୟ ଜଳ ସମସ୍ୟା ଉତ୍କଟ

**ଯାଜପୁରରୋଡ,୧୨।୫(ନି.ପ୍ର.)**

ଯାଜପୁରରୋଡ ସହର ସମେତ କଳିଙ୍ଗନଗର ଶିଳ୍ପାଞ୍ଚଳ ଓ କୋରେଇ ବ୍ଲକ ଅଞ୍ଚଳରେ ଟାଣ ଖରା ସାଙ୍ଗକୁ ଅସହ୍ୟ ଗରମ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଦିନରେ ତାପମାତ୍ରା ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱ ରହୁଥିବା ଜଣାପଡ଼ିଛି। ଦିନ ୧୧ଟା ପରେ ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ସାମୁଦ୍ରିକ ବାତ୍ୟା 'ଫନୀ' ପ୍ରଭାବରେ ଅନେକ ଗଛ ଉପୁଡ଼ିପଡ଼ିବା ଯୋଗୁ ସୂର୍ଯ୍ୟଙ୍କ ଉତ୍ତାପ ବୃଦ୍ଧି ପାଉଛି। ଅସହ୍ୟ ତାତିକୁ ଘନ ଘନ ବିଦ୍ୟୁତ୍‌କାଟ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଅନ୍ୟପକ୍ଷରେ ବ୍ୟାସନଗର ସହରରେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି। ଯୋକଡ଼ିଆ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲେ ମଧ୍ୟ ସେଥିରୁ ସହରବାସୀ ପାଣି ପାଉନାହାନ୍ତି। ଏହି ଉଦ୍‌ଘାଟନକୁ ୨ ମାସ ବିତିଯାଇଥିଲେ ମଧ୍ୟ ଲୋକେ ପାନୀୟଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ଅନେକ ସ୍ଥାନରେ ଯୋକଡ଼ିଆ ପାନୀୟଜଳ ପ୍ରକଳ୍ପର ପାଇପ୍ ସଂଯୋଗ ହୋଇନାହିଁ। ସହରରେ ଥିବା ପୁରୁଣା ପାଇପ୍‌ରେ କାମ ଚଳାଯାଉଥିବା ଜଣାପଡ଼ିଛି। ଅଧିକାଂଶ ସମୟ ପାଇପ୍ ଫାଟିଯାଇ ପାଣି ପ୍ରବାହିତ ହୋଇ ରାସ୍ତାରେ ମିଶୁଛି। ବର୍ତ୍ତମାନ ୬୦ ଲକ୍ଷ ଲିଟର ପାଣି ଯୋଗାଇ ଦିଆଯାଉଥିବାବେଳେ ତାହା ସହରର ଆବଶ୍ୟକତା ମେଣ୍ଟାଇ ପାରୁନାହିଁ। କନ୍ହେଇପୁର, ଲକ୍ଷ୍ମୀନଗର, ମଧୁସୂଦନନଗର, କାଚହୁଡ଼ି ସାହି, ରମ୍ପାସ, ସୋବରା, ମୁଣ୍ଡମାଳ, ଚୂନଭାଟି ପ୍ଲଟ, ସାତକାଣିଆ ପ୍ରଭୃତି ଅଞ୍ଚଳରେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି। କନ୍ହେଇପୁର ଅଞ୍ଚଳକୁ ଟ୍ୟାଙ୍କର ସାହାଯ୍ୟରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏହାବ୍ୟତୀତ ପୌର ପରିଷଦ ପକ୍ଷରୁ ଜଳଛତ୍ର ମଧ୍ୟ ଖୋଲାଯାଇନାହିଁ। ଫଳରେ ପଥଚାରୀମାନେ ତୃଷା ମେଣ୍ଟାଇବା ପାଇଁ ବିଭିନ୍ନ ଦୋକାନରେ ଠିଆ ହେବାକୁ ପଡୁଛି। ୨୦ ନଂ. ଜାତୀୟ ରାଜପଥର ଜହ୍ନାଛକ, ତଳଗଡ଼, ଦମକଳ ବାଇପାସ ଛକ, ବ୍ରାହ୍ମଣୀ ଦେବୀ ଆଦି ସ୍ଥାନରେ କୋରେଇ ବ୍ଲକ ପ୍ରଶାସନ ତରଫରୁ ଜଳଛତ୍ର ଖୋଲାଯାଇନାହିଁ। ସମସ୍ତେ ନିର୍ବାଚନ ଓ ବାତ୍ୟା କାମରେ ବ୍ୟସ୍ତ ବୋଲି କହି ସମସ୍ୟାରୁ ଦୂରେଇ ଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ପିଏଚଡିର ସହକାରୀ ଯନ୍ତ୍ରୀ ଅରୁଣ କୁମାର ସାହୁଙ୍କୁ ପଚାରିବାରୁ, ବାତ୍ୟା 'ଫନୀ' ଓ ନିର୍ବାଚନ ଯୋଗୁ ଯୋକଡ଼ିଆ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ମନ୍ଥର ପଡ଼ିଥିଲା। ଏହି ପ୍ରକଳ୍ପର ଅନେକ ପାଇପ୍ ଲିକେଜ୍ ରହିଛି, ତାହା ମରାମତି କରାଯାଉଛି। ଏହି ପ୍ରକଳ୍ପରୁ ୭୦ ଲକ୍ଷ ଲିଟର ବିଶୁଦ୍ଧ ପାଣି ସହରବାସୀଙ୍କୁ ଯୋଗାଇଦେବାକୁ ଆଉ ୮ ଦିନ ସମୟ ଲାଗିବ ବୋଲି କହିଥିଲେ।

**ଯାଜପୁର ପୌରାଞ୍ଚଳ**

- କାର୍ଯ୍ୟକାରୀ ହେଉନି ଯୋକଡ଼ା ପାନୀୟଜଳ ପ୍ରକଳ୍ପ
- ପାଣି ପାଇଁ ତହଲବିକଳ ହେଉଛନ୍ତି ଲୋକେ
- ସମସ୍ୟାକୁ ଦ୍ୱିଗୁଣିତ କରିଛି ଅସହ୍ୟ ତାତିକୁ ବିଦ୍ୟୁତ୍‌କାଟ

## ସଂକ୍ଷେପରେ

### ୧୦୬୭ ହିତାଧିକାରୀଙ୍କୁ ରିଲିଫ ବଣ୍ଟନ

**ତିର୍ତ୍ତୋଲ,୧୨।୫(ଡି.ଏନ.ଏ.):** ରାଜ୍ୟ ସରକାର ସାମୁଦ୍ରିକ ବାତ୍ୟା ଫନୀ ପ୍ରଭାବିତ ଲୋକଙ୍କୁ ରଲିଫ ପ୍ରଦାନ ପାଇଁ ଘୋଷଣା କରିବା ପରେ ତିର୍ତ୍ତୋଲ ବ୍ଲକରେ ଏହା ପ୍ରଦାନ ଆରମ୍ଭ ହୋଇଛି। ଏହି ବ୍ଲକର ବୋଧେଇ ପଞ୍ଚାୟତରେ ପ୍ରାଥମିକ ପର୍ଯ୍ୟାୟରେ ୧୦୬୭ ହିତାଧିକାରୀଙ୍କ ପରିବାରକୁ ରିଟେଲରଙ୍କ ମାଧମରେ ରଲିଫ ଚାଉଳ ସହିତ ୫୦୦ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ପର୍ଯ୍ୟାୟ କ୍ରମେ ଅନ୍ୟ ପଞ୍ଚାୟତରେ ଏହି ରିଲିଫ ପ୍ରଦାନ କରାଯିବ ବୋଲି ବ୍ଲକ ପ୍ରଶାସନ ତରଫରୁ ଜଣାଯାଇଛି। ପିପ୍ପଳମାଧବ ପଞ୍ଚାୟତରେ ହିତାଧିକାରୀଙ୍କୁ ରିଲିଫ ପ୍ରଦାନରେ ପାତରଅନ୍ତର କରାଯାଉଥିବା ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଇଥିବା ଜଣାଯାଇଛି।

### ବାଦୀପାଲା ମହୋତ୍ସବ ଉଦ୍‌ଯାପିତ

**ତିର୍ତ୍ତୋଲ,୧୨।୫(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ କନକପୁର ପଞ୍ଚାୟତର ଛତ୍ରମଠଠାରେ ଚାଲିଥିବା ସତ୍ୟନାରାୟଣ ବାଦୀପାଲା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅଞ୍ଚଳର ପୁରାତନ ଅନୁଷ୍ଠାନ ସତ୍ୟନାରାୟଣ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୪ ରାତି ଚାଲିଥିଲା। ପ୍ରତ୍ୟକ ରାତିରେ ବିଶିଷ୍ଟ ପାଲା ଗାୟକ ଯୁଧିଷ୍ଠିର ପରିଜା, ପ୍ରସନ୍ନ କୁମାର ପଟ୍ଟନାୟକ ପ୍ରମୁଖ ପାଲା ପରିବେଷଣ କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ସଂସ୍କୃତି ପ୍ରେମୀ ଉପସ୍ଥିତ ରହି ପାଲା ଉପଭୋଗ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଧୁନଚନ୍ଦ୍ର ସେନାପତିଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

### ଲୋକନାଥ ଚୌଧୁରୀଙ୍କ ସ୍ମୃତିସଭା

**ଏରସମା,୧୨।୫(ସ୍ୱ.ପ୍ର.):** ଏରସମା ବ୍ଲକ ସଦରମହକୁମାସ୍ଥିତ ସିପିଆଇ କାର୍ଯ୍ୟାଳୟ ସମ୍ମୁଖରେ ରବିବାର ରାତିରେ ପୂର୍ବତନ ଏମପି ଲୋକନାଥ ଚୌଧୁରୀଙ୍କ ୧୬ତମ ସର୍ବଦଳୀୟ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସିପିଆଇର ବାଲିତୁଠ ଜୋନ ସମ୍ପାଦକ ପ୍ରଫୁଲ୍ଲ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସିପିଆଇ ଜାତୀୟ ପରିଷଦ ସଭ୍ୟ ଅଭୟ ସାହୁ ଯୋଗ ଦେଇ କହିଲେ ଯେ ସ୍ୱର୍ଗତ ଚୌଧୁରୀ ଜଣେ ବଳିଷ୍ଠ ରାଜନୈତିକ ପ୍ରତିଭା ଭାବରେ ସୁପରିଚିତ ଥିଲେ। ସରଳ ଜୀବନ ଯାପନ ଭିତରେ ଉଚ୍ଚ ଚିନ୍ତାଧାରା ସମ୍ପୂର୍ଣ୍ଣ ମନୋଭାବ ପାଇଁ ସେ ଚିର ଅମର। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ଅଭିଜିତ ସାହୁ, ରାଜ୍ୟ କଣ୍ଟ୍ରୋଲ ବୋର୍ଡ ସଭ୍ୟ ଶଶିଭୂଷଣ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ମୁଦୁଲି, ଏରସମା ବ୍ଲକ କଂଗ୍ରେସ ସଭାପତି ନିତ୍ୟାନନ୍ଦ ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ବୈଷ୍ଣବ ଚରଣ ନାୟକ, ଯୁବନେତା ରଞ୍ଜନ ଜେନା, ଦାମୋଦର ବେହେରା, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ସେଠୀ, ଏରସମା ଜୋନ ସମ୍ପାଦକ ବଂଶୀଧର ବେହେରା ପ୍ରମୁଖ ଯୋଗଦେଇଥିଲେ।

# ନାଁକୁ ବିଦ୍ୟୁତ ସଂଯୋଗ, ଅଧିକାଂଶ ସମୟ ଅନ୍ଧାର

■ମରାମତି ଆଳରେ ଘଣ୍ଟା ଘଣ୍ଟା ବିଦ୍ୟୁତ କାଟ
■ରାତିରେ କର୍ମଚାରୀ ରହୁ ନ ଥିବାରୁ ଅସୁବିଧା

**ଜଗତ୍‌ସିଂହପୁର ଅଫିସ, ୧୨।୫**

ଫନୀ ପ୍ରଭାବରେ ଜଗତ୍‌ସିଂହପୁର ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ବିଦ୍ୟୁତ୍ ସଂଯୋଗ ପାଇଁ ସେସୁ ଓ ଠିକା ସଂସ୍ଥା ଏନଜେଏନ୍ ଗ୍ଲୋବାଲ ସଲ୍ୟୁସନ୍ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଚାଲିଥିବା କୁହାଯାଉଛି। ଇତିମଧ୍ୟରେ ଜଗତ୍‌ସିଂହପୁର ସହରର ଅନେକ ୱାର୍ଡରେ ବିଦ୍ୟୁତ ସେବା ସ୍ୱାଭାବିକ ହୋଇଥିବା କୁହାଯାଉଥିଲେ ମଧ୍ୟ ବାସ୍ତବତା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ୨୪ ଘଣ୍ଟା ମଧ୍ୟରୁ ଅଧିକାଂଶ ସମୟ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଉଛି। କାମ ଚାଲିଥିବାରୁ ବିଦ୍ୟୁତ ସେବା ବନ୍ଦ କରାଯାଉଥିବା କୁହାଯାଉଛି। ତେବେ ପ୍ରତ୍ୟହ ଏଭଳି କାମ ନାଁରେ ବିଦ୍ୟୁତ ସେବା ବିଚ୍ଛିନ୍ନ କରାଯିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଅନେକ ଲୋକଙ୍କ କହିବା କଥା ହେଲା ଟ୍ରାନ୍ସଫର୍ମରରେ ଏବି ସୁଇଚ୍ ରହିବା ବାଧ୍ୟତାମୂଳକ। କାରଣ କୌଣସି ଟ୍ରାନ୍ସଫର୍ମର ଅଞ୍ଚଳରେ କିଛି ସମସ୍ୟା ଦେଖାଦେଲେ ଏହାର ମରାମତି ପାଇଁ ଏବି ସୁଇଚ୍ ବନ୍ଦ କରିବା ଆବଶ୍ୟକ। କିନ୍ତୁ ଅଧିକାଂଶ ଟ୍ରାନ୍ସଫର୍ମରରେ ଏବି ସୁଇଚ୍ ନ ଥିବାରୁ ଗ୍ରୀଡ୍‌ରୁ ସଟ୍ ଡାଉନ୍ କରିବାକୁ ପଡୁଛି। ଏହାଦ୍ୱାରା କେବଳ ଟ୍ରାନ୍ସଫର୍ମର ଅଞ୍ଚଳ ପରିବର୍ତ୍ତେ ଅନ୍ୟ ଅଞ୍ଚଳରେ ମଧ୍ୟ ବିଦ୍ୟୁତ କାଟି ଦିଆଯାଉଛି। ଆଉ ଏକ ସମସ୍ୟା ହେଲା ଯଦି ପୃଥକ ଭାବେ ୩ଟି ସ୍ଥାନରେ କାମ ଚାଲିଛି ଏବଂ ପ୍ରତ୍ୟେକ ସ୍ଥାନରୁ ବିଭାଗୀୟ କର୍ମଚାରୀମାନେ ସଟ୍ ଡାଉନ୍ ପାଇଁ ଅନୁରୋଧ କରିଛନ୍ତି, ତେବେ ୩ ସ୍ଥାନରୁ ବିଦ୍ୟୁତ ସଂଯୋଗ ପାଇଁ ସଙ୍କେତ ନ ଦେବା ଯାଏ ସେବା ବନ୍ଦ ରହୁଛି। ଅର୍ଥାତ୍ ୨ ସ୍ଥାନର କାମ ସରିଥିଲେ ସୁଦ୍ଧା ୩ୟ ସ୍ଥାନରୁ ସଙ୍କେତ ନ ଆସିବା ଯାଏ ବିଦ୍ୟୁତ ସେବା ଚାଲୁ କରାଯାଉନାହିଁ।

ଅନେକ ସମୟରେ କାମ କରୁଥିବା କର୍ମଚାରୀଙ୍କ ସହ ବିଭାଗୀୟ ଯନ୍ତ୍ରୀ କିମ୍ବା ପଦାଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ସମସ୍ୟା ହେଉଛି। ସଟ୍ ଡାଉନ୍ ଦେଇଥିବା କର୍ମଚାରୀ ଯଦି କୌଣସି କାରଣରୁ ବିଦ୍ୟୁତ ସଂଯୋଗ ପାଇଁ ଗ୍ରୀଡ୍‌ରେ ଉପସ୍ଥିତ କର୍ମଚାରୀଙ୍କୁ କହିବାକୁ ଭୁଲି ଯାଇଛନ୍ତି, ତେବେ ସମ୍ପୃକ୍ତ ଅଞ୍ଚଳ ଅନ୍ଧାର ରହୁଛି। ଲୋକେ ବାରମ୍ବାର ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀଙ୍କୁ ଅନୁରୋଧ କଲେ ମଧ୍ୟ ସେମାନଙ୍କ ଅଭିଯୋଗକୁ ହାଲକା ଭାବେ ନିଆଯାଉଛି। ଅନେକ ସମୟରେ ଦେଖାଯାଉଛି ସାମାନ୍ୟ ତ୍ରୁଟି ସୁଧାରିବା ପାଇଁ ଘଣ୍ଟା ଘଣ୍ଟା ସଟ୍ ଡାଉନ ରଖାଯାଉଛି। ମରାମତି କାର୍ଯ୍ୟ ଚାଲିଥିବାରୁ ଏବେ ଆଉ ସିଫ୍ଟ ଡ୍ୟୁଟି କରାଯାଉନି। ଅର୍ଥାତ୍ ରାତି ୧୧ଟା ପରେ କୌଣସି ସ୍ଥାନରେ ବିଦ୍ୟୁତ ସମସ୍ୟା ଦେଖାଦେଲେ ପୁରା ରାତି ଅନ୍ଧାରରେ ରହିବାକୁ ପଡୁଛି। ଦିନରେ କାମ ଚାଲିଥିବାରୁ ସଟ୍ ଡାଉନ୍ ରହୁଥିବା ବେଳେ ରାତିରେ କର୍ମଚାରୀ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ତାଳିପକା ମରାମତି କରାଯାଉଥିବାରୁ ଅନେକ ସମୟରେ ଏହା ପୁଣି ଥରେ ଖରାପ ହୋଇଯାଉଛି। ଗୋଦରା କୋଡେ ଯେତେ ମାଡେ ସେତେ ନ୍ୟାୟରେ ବିଦ୍ୟୁତ ବିଭାଗ ପୁନରୁଦ୍ଧାର ଆଳରେ ଯେତିକି ଆଗଉଛି ସେତିକି ପଛାଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦାୟିତ୍ୱବାନ ନ ହେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।



ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ବିଶାଳ ବଟବୃକ୍ଷ।

## ପୁରଣ ବଟବୃକ୍ଷ କ୍ଷେତ୍ର ଛାରଖାର

**ବିରିଡ଼ି,୧୨।୫(ଡି.ଏନ.ଏ.)**

ବିରିଡ଼ି ବ୍ଲକ ୨୨ ମୌଜା ପୁରଣ ହାଟ ନିକଟ ମାଳିକା ପ୍ରସିଦ୍ଧ ବଟବୃକ୍ଷ କ୍ଷେତ୍ର ଫନୀରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ପ୍ରାୟ ଅଢେଇ ଏକର ଜମି ଉପରେ ଥିବା ଏହି କ୍ଷେତ୍ରଟି ବିଗତ ବର୍ଷମାନଙ୍କରେ ହୋଇଥିବା ଅନେକ ବାତ୍ୟାର ମୁକସାକ୍ଷୀ ହୋଇ ରହିଥିଲା। ଏପରିକି ୧୯୯୯ ମହାବାତ୍ୟାରେ ଏହି ବଟ ବୃକ୍ଷର ଡାଳଟିଏ ମଧ୍ୟ ଭାଙ୍ଗି ନ ଥିଲା। କିନ୍ତୁ ଫନୀ ପ୍ରଭାବରେ ଏହି ବୃକ୍ଷର ବହୁ ଡାଳ ଭାଙ୍ଗିଯାଇଛି। ଏହାକୁ କାଟି ସଫା କରିବାକୁ ଅତି କମ୍‌ରେ ଦେଢମାସ ଲାଗିବ ବୋଲି କୁହାଯାଉଛି। ଏହି ବଟବୃକ୍ଷ ଛାଇରେ ପ୍ରତି ସପ୍ତାହର ବୁଧ ଓ ଶନିବାର ହାଟ ବସେ। ଏହି ହାଟ ଉପରେ ୨୨ମୌଜା ଅଞ୍ଚଳର ୬ଟି ପଞ୍ଚାୟତର କ୍ଷୁଦ୍ର ବ୍ୟବସାୟୀ ଓ ଜନସାଧାରଣ ନିର୍ଭରଶୀଳ। ଏହି ବଟବୃକ୍ଷର ଅନେକ ଓହଳ ମାଟିରେ ଲାଗି ବୃକ୍ଷ ସଦୃଶ ହୋଇଥିବାରୁ କେଉଁଟି ମୂଳ ବରଗଛ ତାହା ଜଣାପଡେ ନାହିଁ। ସ୍ଥାନୀୟ ଅଞ୍ଚଳର ମନୋଜ ଦାଶ କୁହନ୍ତି କିମ୍ବଦନ୍ତୀ ଅନୁଯାୟୀ, ଏହି କ୍ଷେତ୍ରଟି ସମ୍ପୂର୍ଣ୍ଣ ବରଗଛ ଦ୍ୱାରା ଆଚ୍ଛାଦିତ ହୋଇଗଲେ କଳିଯୁଗ ଶେଷ ହୋଇଯିବ। କିନ୍ତୁ ଚଳିତ ବାତ୍ୟାରେ ଏହି କ୍ଷେତ୍ରର ଅପୂରଣୀୟ କ୍ଷତି ହୋଇଥିବାରୁ ମାଳିକା କଥା କେତେଦୂର ସତ୍ୟ ହେବ ତାହା ତର୍କ ସାପେକ୍ଷ। ଏହି କ୍ଷେତ୍ରରେ ମା' ବୁଢିଜାଗୁଳାଇ ମନ୍ଦିର ରହିଛି। ବଡ଼ ବଡ଼ ଡାଳ ଅଧା ଭାଙ୍ଗି ଗଛରେ ଝୁଲି ରହିଥିବାରୁ କେହି ମନ୍ଦିର ମଧ୍ୟକୁ ପ୍ରବେଶ କରିବାକୁ ସାହସ କରୁନାହାନ୍ତି। ସେଥିପାଇଁ ୩ ତାରିଖରୁ ମା'ଙ୍କ ପୂଜା ବନ୍ଦ ରହିଛି। କଲିକତାସ୍ଥିତ ଆଲିପୁର ଚିଡ଼ିଆଖାନା ପରିସରରେ ଥିବା ଏକ ବିଶାଳ ବଟବୃକ୍ଷ ଭାରତ ବର୍ଷରେ ସର୍ବପୁରାତନ ବୋଲି ବିବେଚନା କରାଯାଏ। ଏହା ପରେ ପୁରଣ ଗ୍ରାମର ଏହି ବଟବୃକ୍ଷଟି ଦ୍ୱିତୀୟ ବୋଲି କୁହାଯାଉଛି। ବୃକ୍ଷଟି ୫୦୦ ବର୍ଷରୁ ଊର୍ଦ୍ଧ୍ୱ ପ୍ରାଚୀନ। ତେଣୁ ଫନୀର ପ୍ରଭାବ ମହାବାତ୍ୟାଠାରୁ ଅଧିକ ଥିଲା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।

# ବିପନ୍ନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କଲେ ଡାକ୍ତରୀ ଦଳ

**ବାଲିକୁଦା,୧୨।୫(ସ୍ୱ.ପ୍ର.)**

ଫନୀ ପରେ ଉପକୂଳ ଅଞ୍ଚଳରେ ପିଇବା ପାଣି, ଖାଦ୍ୟ ଓ ପରିମଳ ସମସ୍ୟା ପାଇଁ ଗାଁ ଗହଳିର ସ୍ୱାସ୍ଥ୍ୟସେବା ବିଗିଡ଼ିବାରେ ଲାଗିଛି। କେତେକ ଅଞ୍ଚଳରେ ଲୋକେ ଝାଡ଼ାବାନ୍ତି, ଜ୍ୱରରେ ପୀଡିତ ହୋଇଥିବା ଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ବାହାରୁ ଡାକ୍ତରୀ ଟିମ୍ ଆସି ବାଲିକୁଦା ବ୍ଲକର ବିଭିନ୍ନ ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। ସମୁଦ୍ର ଉପକୂଳ ଗାଁ କୁଶୁପୁର, ନେନ୍ଦେରା, ଦେକଣି, ବାଲିଜୋରୀ, ବରମୁଣ୍ଡଳି, ବଘେଇପୁର, ଧନୁହରବେଲାରୀ, ତରାସାହି ଆଦି ଅଞ୍ଚଳରେ ଏହି ଡାକ୍ତରୀ ଦଳ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ପ୍ରଦାନ କରୁଛନ୍ତି।

**ବିରିଡ଼ି,(ଡି.ଏନ.ଏ.):** ଫନୀ ବାତ୍ୟାରେ ପ୍ରଭାବିତ ବିରିଡ଼ି ବ୍ଲକ ଅଞ୍ଚଳକୁ ରବିବାର ଏକ ଡାକ୍ତରୀ ଦଳ ପରିଦର୍ଶନ କରି ବିପନ୍ନଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିଛନ୍ତି। ଏହି ଟିମ୍ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବାକୁ ଯାଇଥିଲେ। ଡା. ଅର୍ଘ୍ୟ ପ୍ରଧାନ, ହିମାଂଶୁ ଶେଖର ହେମ୍ରମ, ବିରିଡ଼ି ଦାୟିତ୍ୱରେ ଥିବା ଶ୍ରୀ ରାୟ ପ୍ରମୁଖ ପୁରଣ, ବାସନ୍ଦରା, ବାଗଲପୁର ଆଦି ଗ୍ରାମରେ ପହଞ୍ଚି ପରିବେଶ, ପାନୀୟଜଳ, ପରିମଳ ବ୍ୟବସ୍ଥା ଆଦି ଅନୁଧ୍ୟାନ କରିଥିଲେ। ଶୌଚାଳୟ ବ୍ୟବହାର, ଖାଦ୍ୟ ପ୍ରସ୍ତୁତି ଓ ଗ୍ରହଣ ପୂର୍ବରୁ ସାବୁନରେ ହାତ ଧୋଇବା, ପାନୀୟଜଳରେ କ୍ଲୋରିନ ବଟିକା ପକାଇ ବ୍ୟବହାର କରିବା, ଘର ଚତୁଃପାର୍ଶ୍ୱ ପରିଷ୍କାର ରଖିବା, ମଶାରୀ ବ୍ୟବହାର କରିବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ପରେ ପୁରଣ ଓ ବାସନ୍ଦରା ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ପହଞ୍ଚି କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଏଥିସହ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପ୍ରଭାତ ଚନ୍ଦ୍ର ଦାସଙ୍କ ସହ ଆଲୋଚନା କରିଥିଲେ। ବିପିଏମ୍ ହରିହର ଚଇନି ଉପସ୍ଥିତ ଥିଲେ।



ଡାକ୍ତରୀ ଦଳ ଜଣେ ବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

## ସ୍ୱାଭାବିକ ହୋଇପାରୁନି ବିଦ୍ୟୁତ୍ ସେବା

**ବାଲିକୁଦା,୧୨।୫(ସ୍ୱ.ପ୍ର.)**

ସାମୁଦ୍ରିକ ଝଡ଼ ଫନୀକୁ ଇତିମଧ୍ୟରେ ୧୦ଦିନ ବିତିଥିଲେ ମଧ୍ୟ ଏହାର ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ନେଇ ଏବେ ସମସ୍ତେ ଚିନ୍ତିତ। କାରଣ ବାଲିକୁଦା ବ୍ଲକରେ ଅଦ୍ୟାବଧି ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରିନାହିଁ। ରବିବାର ସ୍ଥାନୀୟ ଲୋକମାନେ ହୋହଲ୍ଲା କରିବା ପରେ ବାଲିକୁଦା ମୁଖ୍ୟ ବଜାର, ମେଡିକାଲ, ଥାନା, ପେଟ୍ରୋଲ ଟାଙ୍କି ଆଦିକୁ ସନ୍ଧ୍ୟାରେ ବିଦ୍ୟୁତ୍ ସଂଯୋଗ କରାଯାଇଛି। ତେବେ ପ୍ରତି ୧୦ ମିନିଟ୍‌ରେ ତାହା ପୁଣି ପାୱାର କଟ୍ ହେଉଛି। ମୁଖ୍ୟ ବଜାରକୁ ଛାଡି ଅନ୍ୟ କୌଣସି ପଞ୍ଚାୟତକୁ ଅଦ୍ୟାବଧି ବିଦ୍ୟୁତ ସଂଯୋଗ ହୋଇନାହିଁ। ବ୍ଲକର ସମସ୍ତ ପଞ୍ଚାୟତରେ ବିଦ୍ୟୁତ୍ ତାର ଓ ଖୁଣ୍ଟ ଏବେ ମଧ୍ୟ ଧ୍ୱସ୍ତବିଧ୍ୱସ୍ତ ହୋଇ ପଡ଼ିରହିଛି। କାଁ ଭାଁ କେତେକ ଗ୍ରାମବାସୀଙ୍କ ସହଯୋଗରେ ଯଦିଓ ଖୁଣ୍ଟଗୁଡିକ ପୋତାଯାଇଛି, ତେବେ ବହୁ କାମ ବାକି ଅଛି। ଏସବୁ ସଜାଡ଼ିବା ୧ ମାସ ମଧ୍ୟରେ ସମ୍ଭବ ନୁହେଁ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ବିଦ୍ୟୁତ ବିନା ଗାଁ ଗହଳିର ଲୋକେ ଘର ଭିତରେ ରହିପାରୁନାହାନ୍ତି। ରାତିରେ ଗରମରେ ଶୋଇ ହେଉନାହିଁ। ପିଲାଙ୍କ ପାଠପଢା ବାଧାପ୍ରାପ୍ତ ହେଉଛି। ସେହିପରି ପାନୀୟଜଳ ମଧ୍ୟ ମିଳିବା କଷ୍ଟକର ହେଲାଣି। ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ବାଲିକୁଦା ଅଞ୍ଚଳକୁ ଅଧିକ ସଂଖ୍ୟକ ବିଦ୍ୟୁତ କର୍ମଚାରୀଙ୍କୁ ପଠାଇ ତୁରନ୍ତ ସେବା ଯୋଗାଇବାକୁ ସାଧାରଣରେ ଦାବି ହୋଇଛି।

## ସଂଗ୍ରାମୀ ଲୋକନାଥଙ୍କ ଶ୍ରାଦ୍ଧୋତ୍ସବ



ଲୋକନାଥ ଚୌଧୁରୀଙ୍କ ଶ୍ରାଦ୍ଧୋତ୍ସବରେ ଉପସ୍ଥିତ ଅତିଥି।

**କୁଜଙ୍ଗ,୧୨।୫(ସ୍ୱ.ପ୍ର)**

ପୂର୍ବତନ ବିଧାୟକ ତଥା ଏମ୍‌ପି, ମିଳିତ ଜାତିସଂଘରେ ଭାରତର ପ୍ରତିନିଧିତ୍ୱ କରିଥିବା ବିଶିଷ୍ଟ କମ୍ୟୁନିଷ୍ଟ ନେତା ସଂଗ୍ରାମୀ ଲୋକନାଥ ଚୌଧୁରୀଙ୍କ ଷୋଡ଼ଶତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି। କୁଜଙ୍ଗ ବ୍ଲକ୍ ତାଳଦଣ୍ଡା ନିବାସୀ ସ୍ୱର୍ଗତ ଚୌଧୁରୀଙ୍କ ଏହି ଶ୍ରାଦ୍ଧୋତ୍ସବ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କୁଜଙ୍ଗ ଜଳସେଚନ ବିଭାଗ କାର୍ଯ୍ୟାଳୟ ନିକଟରେ ଲୋକନାଥ ସ୍ମୃତି କମିଟି ସଭାପତି ଯୋଗେନ୍ଦ୍ର ଦାସଙ୍କ ସଭାପତିତ୍ୱ ତଥା ସିପିଆଇନେତା ବାବୁରାମ ଚୌଧୁରୀଙ୍କ ସଂଯୋଜନାରେ ଏକ ସ୍ମୃତିସଭା ହୋଇଥିଲା। ଏଥିରେ ପରଦାର ସମ୍ପାଦକ ବାଗ୍ମୀ ସରୋଜ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ମୃତି କମିଟି ସମ୍ପାଦକ ଅଭିରାମ ସାମଲ, ଅଧ୍ୟାପକ ଅକ୍ଷୟ କୁମାର ପଲାଇ, ଆଇନଜୀବୀ କୈଳାସ ଚନ୍ଦ୍ର ପରିଡ଼ା, ଗୋପିଆକୁଦ ସରପଞ୍ଚ ନନ୍ଦିନୀ ପଣ୍ଡା, ସିପିଆଇ ନେତା ନାରାୟଣ ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଲୋକନାଥ ଭବନରେ ଅନୁଷ୍ଠିତ ସ୍ମୃତିସଭାରେ ସିପିଆଇର ଜୋନ୍ ସମ୍ପାଦକ ଶରତ ବେହେରା, ସିପିଆଇ ରାଜ୍ୟ ପରିଷଦ ସଭ୍ୟା ଏଆଟିୟୁସିର ରାଜ୍ୟ ସମ୍ପାଦିକା ଜୀନ୍ମୟ ସାହାଣୀ, ହୃଷିକେଷ ନାଥ, ରାଜ୍ୟ ସହ ସମ୍ପାଦକ ଅଜୟ ବେହେରା, ସୁବାସ ମହାପାତ୍ର, ଡ. ବିପିନ ସାମନ୍ତରାୟ, କଂଗ୍ରେସ ନେତା ଏ.ଏନ୍.ଡି. ଯାଦବ, ଭଗବାନ୍ ସ୍ୱାଇଁ, ଜୋନାଲ କମିଟି ସଭ୍ୟ କେଶବ ଦଳାଇ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

■ ବିଦ୍ୟୁତ୍ ସଂଯୋଗକୁ ନେଇ ବିବାଦ

# ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ଏରସମା,୧୨।୫(ସ୍ୱ.ପ୍ର.)**

ଏରସମା ବ୍ଲକ କେନ୍ଦୁରୀଶାଳ ଗ୍ରାମରେ ବିଦ୍ୟୁତ୍ ସଂଯୋଗକୁ ନେଇ ବିବାଦ ସୃଷ୍ଟି ହୋଇଛି। ନ୍ୟାୟ ପାଇଁ ଶନିବାର ବିଳମ୍ବିତ ରାତିରେ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, କେନ୍ଦୁରୀଶାଳ ଗ୍ରାମରେ ୬୦ ପରିବାର ବସବାସ କରନ୍ତି। ବାତ୍ୟାରେ ଗ୍ରାମର ବହୁ ବିଦ୍ୟୁତ୍ ଖୁଣ୍ଟ ଉପୁଡିଯାଇଛି। ବିଭାଗ ପକ୍ଷରୁ ଏକ ନୂତନ ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ କରିବାକୁ କାମ ଚାଲିଥିଲା। ଇତିମଧ୍ୟରେ ୧୦ ଦିନ ବିତି ଯାଇଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ ଦିଆଯାଇନାହିଁ। ପ୍ରବଳ ଗୁଳୁଗୁଳି ଯୋଗୁ ଲୋକେ ଅତିଷ୍ଠ ହୋଇପଡିଲେଣି। ଶନିବାର ବିଦ୍ୟୁତ୍ ବିଭାଗ ପକ୍ଷରୁ ସେହି ଗ୍ରାମରେ ଥିବା ଏକ ପୁରୁଣା ଟ୍ରାନ୍ସଫର୍ମରକୁ ନେବା ପାଇଁ ଉଦ୍ୟମ ଚାଲିଥିଲା। କିନ୍ତୁ ନୂଆ ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ ହେଲେ ପୁରୁଣା ଟ୍ରାନ୍ସଫର୍ମର ଛାଡ଼ିବୁ ବୋଲି କହି ଗ୍ରାମବାସୀ ବିରୋଧ କରିବାରୁ ବିବାଦ ସୃଷ୍ଟି ହୋଇଥିଲା। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ମହାନ୍ତି ଏନେଇ ଏରସମା ଥାନାରେ ଏତେଲା ଦେଇଥିଲେ। ଅନ୍ୟପକ୍ଷରେ କନିଷ୍ଠ ଯନ୍ତ୍ରୀ ମହାନ୍ତିଙ୍କ ବିରୋଧରେ ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଥିବା ଆଇଆଇସି ପ୍ରଶାନ୍ତ କୁମାର ମାଝି କହିଛନ୍ତି।

## ଗୋରେଖନାଥ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

**ରଘୁନାଥପୁର, ୧୨।୫ (ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଏକ ଆଧ୍ୟାତ୍ମିକ ବାତାବରଣରେ ଚାଲିଛି। ଦିନରାତି ପୀଠ ପରିସରରେ ଜମୁଛି ଶ୍ରଦ୍ଧାଳୁଙ୍କ ଭିଡ। ଯଜ୍ଞକୁ ସରସ ସୁନ୍ଦର କରିବାକୁ ପଡିଥିବା ମିନା ବଜାର ଦର୍ଶକଙ୍କ ମନ ମୋହୁଛି। ଯାତ୍ରୀଙ୍କ ଆଗମନକୁ ଲକ୍ଷ୍ୟ ରଖି ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରସାଦ ସେବନ ସହ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଉଛି। ଟ୍ରଷ୍ଟ ବୋର୍ଡ ସଭ୍ୟମାନେ ବିଭିନ୍ନ ଦାୟିତ୍ୱରେ ରହି କାର୍ଯ୍ୟ ତୁଲାଇବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରୁଛନ୍ତି। ଉଜ୍ଜ୍ୱଳ ଆଲୋକ, ପାନୀୟ ଜଳର ସୁବନ୍ଦୋବସ୍ତ, ଫାଷ୍ଟଏଡ ସୁବିଧା ପାଇଁ ସ୍ଥାନୀୟ ଅଞ୍ଚଳର ଶତାଧିକ ଯୁବକ ସହଯୋଗର ହାତ ବଢାଇଛନ୍ତି। ପୁରୀରୁ ଆସିଥିବା ବୈଦିକ ପଣ୍ଡିତମାନଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଆଗେଇ ଚାଲିଛି। ସନ୍ଧ୍ୟାରେ ଯଜ୍ଞ ଗୃହ ପାଖରେ ଶ୍ରଦ୍ଧାଳୁମାନଙ୍କ ଭିଡ ଲାଗୁଛି। ହଜାର ହଜାର ଯାତ୍ରୀ ମିନା ବଜାରକୁ ଯାଇ ମନ ମୁତାବକ ଜିନିଷ କିଣିବା ସହ ବିଭିନ୍ନ ପ୍ରକାର ଖାଦ୍ୟ ଖାଇ ମଜା ନେଉଛନ୍ତି। ଆସନ୍ତା ମଙ୍ଗଳବାର ଯଜ୍ଞ ପୂର୍ଣ୍ଣାହୁତିକୁ ଲକ୍ଷ୍ୟ ରଖି ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆଗନ୍ତୁକ ଶ୍ରଦ୍ଧାଳୁମାନଙ୍କ ପାଇଁ ସମସ୍ତ ସୁବିଧା ଲାଗି ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଆଇନଜୀବୀ ଜୀବନବଲ୍ଲଭ ମହାନ୍ତି ପ୍ରକାଶ କରିଛନ୍ତି।



ଗୋରେଖନାଥଙ୍କ ପୀଠରେ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରୁଛନ୍ତି।

# ରାସ୍ତା କାମ ଅଧା, ଠିକାଦାରଙ୍କ ଦେଖା ନାହିଁ

**ନାଉଗାଁ,୧୨।୫(ସ୍ୱ.ପ୍ର.)**

ନାଉଗାଁ ବ୍ଲକର ବିଭିନ୍ନ ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇପଡିଛି। ଦୀର୍ଘଦିନ ଧରି ଏହା ମରାମତି କରାଯାଉ ନ ଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ ରାସ୍ତା ଅବସ୍ଥା ଏପରି ହୋଇଛି ଯେ ଗାଡ଼ିମୋଟର ଯିବା ତ ଦୂରର କଥା, ଖାଲି ପାଦରେ ମଧ୍ୟ ଚାଲିକି ଯିବା କଷ୍ଟକର। କେତେକ ରାସ୍ତା କାର୍ଯ୍ୟ ପାଇଁ ଠିକାଦାର ଚୟନ ହୋଇଛି। କିନ୍ତୁ ସମ୍ପୃକ୍ତ ଠିକାଦାର ରାସ୍ତା ନିର୍ମାଣ ପାଇଁ କେଉଁଠି ବାଲି, ଗୋଡ଼ି ଗଦା କରିଛନ୍ତି ତ ଆଉ କେଉଁଠି ରାସ୍ତା ଖୋଳିଦେଇ କାମ ଅଧାରେ ବନ୍ଦ ରଖିଛନ୍ତି। ବିଭାଗୀୟ ଅଧିକାରୀ ଏ ସମ୍ପର୍କରେ ଜାଣି ମଧ୍ୟ ଠିକାଦାରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି କି ରାସ୍ତା ନିର୍ମାଣ ଶେଷ କରିବାକୁ ପଦକ୍ଷେପ ନେଉନାହାନ୍ତି। ନାଉଗାଁ ବ୍ଲକ ମୁଣ୍ଡାଲୋ–ଜାମୁଗାଁ ରାସ୍ତା କ୍ଷେତ୍ରରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି।

୨୦୦୩ ରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା କାର୍ଯ୍ୟ କରାଯାଇଥିଲା। ଏହା ପରେ ୧୬ବର୍ଷ ବିତିଥିଲେ ମଧ୍ୟ ଏହି ରାସ୍ତାରେ ମାଟି ମୁଠାଏ ବି ପଡ଼ିନାହିଁ। ଫଳରେ ରାସ୍ତା ଶୋଚନୀୟ ହୋଇପଡିଛି। ଏନେଇ ବାରମ୍ବାର ଅଭିଯୋଗ କରାଯିବା ପରେ ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିଲା। ଦୀର୍ଘ ୨ ମାସ ହେଲା ଠିକାଦାର ରାସ୍ତାରେ ବାଲିଗୋଡ଼ି ବିଛାଇଥିବା ବେଳେ ଆଉ ଦେଖା ଦେଉନାହାନ୍ତି। ଏବେ ବାତ୍ୟା ଫନୀ ପ୍ରଭାବରେ ଗଛ ପଡି ରାସ୍ତା ନଷ୍ଟ ହୋଇଯାଇଛି। ଏହା ମୁଣ୍ଡାଲୋ–ଜାମୁଗାଁର ମୁଖ୍ୟରାସ୍ତା ହୋଇଥିବାବେଳେ ଏହି ରାସ୍ତା ପାର୍ଶ୍ୱରେ ସରକାରୀ ପଲିଟେକନିକ କଲେଜ ରହିଛି। ବିଭିନ୍ନ ଅଞ୍ଚଳରୁ ଛାତ୍ରୀଛାତ୍ର ଏଠାକୁ ଆସୁଛନ୍ତି। ଏଥିସହ ଜାମୁଗାଁ, ନୂଆଗାଁ, ଘୋଡାଂଶ, ଅଲଣା, ଗଜରାଜପୁର ପଞ୍ଚାୟତର ଲୋକମାନେ ଏହି ରାସ୍ତା ଦେଇ ୟୁକୋ ବ୍ୟାଙ୍କ କଣ୍ଟୁଣିଆ ଶାଖା, କଳିଙ୍ଗ ଗ୍ରାମ୍ୟ ବ୍ୟାଙ୍କ ମୁଣ୍ଡାଲୋ, ଅଲଣାହାଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଛନ୍ତି। ବାଲିକୁଦା ମହାବିଦ୍ୟାଳୟ, ନାଉଗାଁ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, ଅଲଣାହାଟ ହାଇସ୍କୁଲକୁ ମଧ୍ୟ ଛାତ୍ରୀଛାତ୍ର ଏହି ରାସ୍ତାରେ ଯାଇଥାନ୍ତି। ସେହିପରି ନାଉଗାଁ –ଡାବର ରାସ୍ତା ମଧ୍ୟ ଶୋଚନୀୟ ହୋଇପଡିଛି। ୮ କି.ମି.ର ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି।



ବିପର୍ଯ୍ୟସ୍ତ ହୋଇପଡ଼ିଥିବା ମୁଣ୍ଡାଲୋ–ଜାମୁଗାଁ ରାସ୍ତା।

■ମୁଣ୍ଡାଲୋ-ଜାମୁଗାଁ ରାସ୍ତାରେ ଗଦାହୋଇଛି ବାଲି, ଗୋଡ଼ି
■ନାଉଗାଁ-ଡାବର ରାସ୍ତା ଉଭୟ ପାର୍ଶ୍ୱ ଖୋଳାହୋଇ ରହିଛି
■ତୁରନ୍ତ ରାସ୍ତା ନିର୍ମାଣ ନ କଲେ ଆନ୍ଦୋଳନ

ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୨୦୦୨–୦୩ ମସିହାରେ ନିର୍ମାଣ କରାଯାଇଥିଲା। ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ରାସ୍ତା ଖାଲଖମାରେ ପୂର୍ଣ୍ଣ ହେବା ପରେ ବିଭାଗ ପାଖରେ ଆବଶ୍ୟକ ଅର୍ଥ ନ ଥିବାରୁ ମରାମତି କରାଯାଉ ନ ଥିବା ଜଣାପଡିଥିଲା। ପରେ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଠିକାଦାର ଚୟନ ହୋଇଥିଲା। କିନ୍ତୁ ଠିକାଦାର ୨ମାସ ହେଲା ରାସ୍ତାର ୨ ପାର୍ଶ୍ୱ ଖୋଳିଦେଇ କାମ ବନ୍ଦ ରଖିଛନ୍ତି। ଏହି ରାସ୍ତା ନାଉଗାଁ ବ୍ଲକଠାରୁ ତିହୁଡା, ଗୋଠଦା, ଅରିଓଦା, ଦହିପାଳ, ତିରୁଣା, ମହନାପାରି, ଡାବର ଦେଇ ମାଛଗାଁକୁ ସଂଯୋଗ କରୁଛି। ଲୋକେ ଡାବର ପଞ୍ଚାୟତର ଦେଓପଡ଼ା ଦେଇ ବାଲିକୁଦା ବ୍ଲକକୁ ଏହି ରାସ୍ତାରେ ଯାତାୟାତ କରନ୍ତି। ଗଙ୍ଗଦାସ୍ଥିତ ଶ୍ରୀ ଶ୍ରୀ ମଉଳା ଭଣଜା ମହାବିଦ୍ୟାଳୟ, ନାଉଗାଁ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ତିହୁଡ଼ା ସରସ୍ୱତୀ ଶିଶୁ ମନ୍ଦିର, ଗଙ୍ଗଦାହାଟ ଶ୍ରୀ ଅଚ୍ୟୁତ ଇଂଗ୍ରାଜୀ ମିଡିୟମ ବିଦ୍ୟାଳୟକୁ ଛାତ୍ରୀଛାତ୍ର ଏହି ରାସ୍ତାରେ ଯାତାୟାତ କରନ୍ତି। କିନ୍ତୁ ରାସ୍ତା ମରାମତି ହେଉ ନ ଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଉକ୍ତ ଦୁଇ ରାସ୍ତା ମରାମତି କରିବା ସହ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରିବେ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବିନୋଦ ତରାଇ କହିଛନ୍ତି ଯେ, ବାତ୍ୟା ପାଇଁ ରାସ୍ତା କାର୍ଯ୍ୟରେ ବିଳମ୍ବ ହୋଇଛି। ଠିକାଦାରଙ୍କ ସହ ଆଲୋଚନା କରାଯାଇ ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ।



ଯେଉଁମାନେ ସବୁ କଥାରେ ଅସନ୍ତୋଷ ପ୍ରକାଶ କରନ୍ତି, ସେଇମାନେ ହିଁ ସାଧାରଣତଃ ଅଳସୁଆ।

- ହେନେରୀ ଫର୍ଡ

# ଅତିଷ୍ଠ କରୁଛି ପାନୀୟ ଜଳ ସମସ୍ୟା

ନୟାଗଡ଼ ଅଫିସ,୧୨।୫

ସାରା ଜିଲାରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଏପରି ସମୟରେ ବିଭିନ୍ନ ଗ୍ରାମରେ ପାନୀୟ ଜଳ ସମସ୍ୟା ଲୋକଙ୍କୁ ଅତିଷ୍ଠ କରୁଛି। ଅନେକ ସ୍ଥାନରେ ପ୍ରକଳ୍ପ କିମ୍ବା ନଳକୂପ ଥିଲେ ମଧ୍ୟ ସେଥିରୁ ଫ୍ଲୋରାଇଡଯୁକ୍ତ ପାଣି ବାହାରୁଥିବାରୁ ତାହା ପାନୀୟ ଉପଯୋଗୀ ହୋଇପାରୁ ନାହିଁ। ଏପରି କି ସହରବାସୀ ମଧ୍ୟ ଏହି ସମସ୍ୟାରୁ ବାଦ୍ ପଡ଼ିନାହାନ୍ତି।

ପ୍ରକାଶ ଯେ, ଜିଲାର ୮ ବ୍ଲକ ଅନ୍ତର୍ଗତ ୧୯୪ ପଞ୍ଚାୟତରେ ୧୭୦୨ ଖଣ୍ଡ ଗ୍ରାମ ରହିଛି। ୩୮ ପାନୀୟ ଜଳ ପ୍ରକଳ୍ପ କରାଯାଇ ୮୭୯ ଗ୍ରାମକୁ ପାଇପ୍ ଯୋଗେ ଜଳଯୋଗାଣ ବନ୍ଦୋବସ୍ତ କରାଯାଇଛି। ବାକି ୮୨୩ ଟି ଗ୍ରାମର ଲୋକମାନଙ୍କ ପାଇଁ ପାଇପ୍ ଯୋଗେ ପାନୀୟ ଜଳ ସ୍ୱପ୍ନ ପାଲଟିଛି। ଅଧିକାଂଶ ପାନୀୟ ଜଳ ପ୍ରକଳ୍ପ ଅଚଳ ଅବସ୍ଥାରେ ପଡ଼ିଛି। ଇଟାମାଟିଠାରେ ଥିବା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ ପରଠାରୁ ଅଚଳ ହୋଇ ପଡ଼ିରହିଛି। ପ୍ରକଳ୍ପ ଅଚଳ ହେବା ଓ ଅନେକ ଗ୍ରାମକୁ ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା ନ ଥିବାରୁ ଲୋକମାନେ ବାଧ୍ୟ ହୋଇ ନଳକୂପ ଉପରେ ନିର୍ଭର କରୁଛନ୍ତି। ଗୋଟିଏ ଗୋଟିଏ



ପାଣି ପାଇଁ ଏକ ନଳକୂପ ନିକଟରେ ମହିଳାଙ୍କ ଭିଡ଼।

ନଳକୂପ ନିକଟରେ ପାଣି ପାଇଁ ମହିଳାଙ୍କ ଲମ୍ବାଧାଡି ଲାଗୁଥିବା ଦେଖିବାକୁ ମିଳୁଛି। ଜିଲାର ୮ ବ୍ଲକରେ ମୋଟ ୧୧୮୯୬ଟି ନଳକୂପ ରହିଛି। କେତେକ ସ୍ଥାନରେ ଥିବା ନଳକୂପ ଅଚଳ ହୋଇପଡ଼ିଥିବା ବେଳେ ଆଉ କେତେକ ସ୍ଥାନରେ ନଳକୂପରେ ଫ୍ଲୋରାଇଡ଼ ଯୁକ୍ତ ପାଣି ବାହାରୁଛି। ଅନ୍ୟ ବିକଳ୍ପ ନ ଥିବାରୁ ଲୋକମାନେ ଏହି ପାଣି ପିଉଛନ୍ତି। ସହରରେ ମଧ୍ୟ ସମାନ ଅବସ୍ଥା। ଖରାଦିନେ ଜନସ୍ୱାସ୍ଥ୍ୟ ବିଭାଗର ବେପାରୁଆ ନୀତି ଯୋଗୁ ପାଣି ପାଇଁ ସହରବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁଇଦିନରେ ଥରେ ଜଳ ଯୋଗାଣ ହେଉଥିବାରୁ ଲୋକେ ଆବଶ୍ୟକ ପାଣି ନ ପାଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ପୁଣି ବିନା ବିଶୋଧନରେ ସହରବାସୀଙ୍କୁ ଜଳ ଯୋଗାଣ ହେଉଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ ସହରବାସୀଙ୍କୁ ଜଳଯୋଗାଣ ପାଇଁ ମହାନଦୀ ତଟବର୍ତ୍ତୀ କଣ୍ଟିଲୋଠାରେ ଜଳ ବିଶୋଧନାଗାର ସ୍ଥାପନ କରାଯାଇଛି। ମହାନଦୀ ପାଣି ଏଠାରେ ରହିବା ପରେ ସେଥିରେ ଫିଟିକିରି, ଚୂର୍ଣ୍ଣ ଓ କ୍ଲୋରିନ ପକାଇ ବିଶୁଦ୍ଧ କରାଯାଇ ସହରବାସୀଙ୍କୁ ଯୋଗାଇବା କଥା। ମାତ୍ର ପାଣିକୁ ବିଶୁଦ୍ଧୀକରଣ କରା ନ ଯାଇ ସିଧାସଳଖ ସହରବାସୀଙ୍କୁ ଯୋଗାଇ ଦିଆଯାଉଥିବା ଜଣାପଡ଼ିଛି। ଅନ୍ୟପଟେ ବିଶୁଦ୍ଧୀକରଣ ପାଇଁ ପ୍ରତି ମାସରେ ଲକ୍ଷାଧିକ ଟଙ୍କା ଆସୁଥିବାବେଳେ ସେ ସବୁ ଟଙ୍କା କେଉଁଆଡ଼େ ଯାଉଛି ତାହା ତଦନ୍ତସାପେକ୍ଷ। ଏ ନେଇ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ରାଜୀବ ପାଣିଗ୍ରାହୀ କହନ୍ତି, ପ୍ରତିବର୍ଷ ଲକ୍ଷ୍ୟଧାର୍ଯ୍ୟ ଥିବା ପ୍ରକଳ୍ପ ନିର୍ମାଣ କରାଯାଉଛି। ସେହିଭଳି ଅଚଳ ପ୍ରକଳ୍ପଗୁଡ଼ିକୁ ସଚଳ କରାଯାଉଥିବା ସେ କହିଥିଲେ। ଅନ୍ୟପକ୍ଷେ ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏ ନେଇ କୌଣସି ମତ ଦେଇ ନ ଥିଲେ। ଏପରି କି କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ କୌଣସି ସୂଚନା ଦିଆଯାଇ ନ ଥିଲା।

- ୮୨୩ ଗ୍ରାମକୁ ପାଇପ୍ ଜଳଯୋଗାଣ ସ୍ୱପ୍ନ
- ଜଳକଷ୍ଟରୁ ବାଦ୍ ପଡୁନାହାନ୍ତି ସହରବାସୀ
- ନଳକୂପରୁ ବାହାରୁଛି ଫ୍ଲୋରାଇଡଯୁକ୍ତ ପାଣି

## ସଂକ୍ଷେପରେ

### ଗୋଟିଏ ସପ୍ତାହରେ ୪ ବାଲ୍ୟବିବାହ ବନ୍ଦ



**ନୟାଗଡ଼ ଅଫିସ,୧୨।୫:** ନୟାଗଡ଼ ଚାଇଲ୍ଡ ଲାଇନ୍ ଗୋଟିଏ ସପ୍ତାହରେ ୪ଟି ବାଲ୍ୟ ବିବାହ ବନ୍ଦ କରିଛି। ରବିବାର ଦଶପଲ୍ଲା ବ୍ଲକ ବାଣିଗୋଛା ଅଞ୍ଚଳର ଏକ ଗ୍ରାମରେ ଜଣେ ନାବାଳିକା ସହିତ ଯୁବକଙ୍କ ବାହାଘର ବନ୍ଦ କରାଯାଇଛି। ଦଶପଲ୍ଲା ଶିମିଳିସାହିର ଯୁବକ ବରୁଣ ମୁଦୁଲିଙ୍କ ସହିତ ନାବାଳିକାଙ୍କ ବିବାହ ହୋଇଥାନ୍ତା। ଖବର ପାଇ ଚାଇଲ୍ଡ ଲାଇନ୍ ଘଟଣାସ୍ଥଳରେ ପହଞ୍ଚି ଭୋଜିଭାତ ବନ୍ଦ କରିବା ସହିତ ନାବାଳିକାଙ୍କ ପରିବାରକୁ ବୁଝାଶୁଝା କରିଥିଲେ। ପରେ ନାବାଳିକାଙ୍କ ବାପାଙ୍କଠାରୁ ଅଣ୍ଡରଟେକିଂ ଲେଖି ଆଣିଥିଲେ। ରଣପୁର ପୋଲିସ ଓ ଚାଇଲ୍ଡ ଲାଇନ ସଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ। ସେହିପରି ରଣପୁର, ଖଣ୍ଡପଡ଼ା ଓ ଭାପୁରରେ ମଧ୍ୟ ୩ଟି ବାଲ୍ୟ ବିବାହ ବନ୍ଦ କରାଯାଇଥିଲା। ଅନ୍ୟ କେତେକ ସ୍ଥାନର ପୁଅ ଘର ଲୋକେ ଝିଅକୁ ଅନ୍ୟ ଜିଲାକୁ ନେଇ ବିବାହ କରାଉଥିବା ଜଣାପଡ଼ିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଡିଜେ ବଜାଇବା ଘଟଣାକୁ ନେଇ ଗଣ୍ଡଗୋଳ

#### ଗୋଟିଏ ପରିବାରର ୪ ଆହତ

**ଖଣ୍ଡପଡ଼ା,୧୨।୫(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା ଅନ୍ତର୍ଗତ ଖଳିସାହି ପଞ୍ଚାୟତ କୋଟପୋଖରୀ ହରିଜନ ସାହିର ଏକ ବିବାହ ଶୋଭାଯାତ୍ରାରେ ଡିଜେ ବଜାଇବା ଘଟଣାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ଫଳରେ ଉକ୍ତ ଗ୍ରାମସ୍ଥିତ ହରିଜନ ସାହିରେ ରହୁଥିବା ଗୋଟିଏ ପରିବାରର ୪ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଅର୍ଜୁନ ନାଏକ(୫୫), ତାଙ୍କ ସ୍ତ୍ରୀ ସୁକାନ୍ତି ଏବଂ ୨ ପୁଅ ରିଙ୍କୁ (୨୨), ବୁଟା(୧୭)। ଏ ଘଟଣା ନେଇ ଆହତ ସୁକାନ୍ତି ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ସୁକାନ୍ତି ଗୁରୁତର ହେବାରୁ ଚିକିତ୍ସା ପାଇଁ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଘଟଣାରୁ ପ୍ରକାଶ, ଏହି ସାହିର ଏକ ବିବାହ ଶୋଭାଯାତ୍ରାରେ ଡିଜେ ବଜାଇବାକୁ ଖଗ ନାଏକ ବାରଣ କରିଥିଲେ। ତେବେ ରିଙ୍କୁ ଓ ବୁଟା ପାଟି ନ କରିବାକୁ କହିବାରୁ ପରେ ମାନିଆ ନାଏକ ସେଠାରେ ପହଞ୍ଚି ୨ ଭାଇଙ୍କୁ ଗାଳି ଗୁଲଜ କରିଥିଲେ । ପରେ ମାନିଆଙ୍କ ସମେତ ତାଙ୍କର ୧୦ରୁ ଉର୍ଦ୍ଧ୍ୱ ସହଯୋଗୀ ସେଠାରେ ମାରପିଟ ଓ ଗଣ୍ଡଗୋଳ କରିଥିଲେ। ସେମାନଙ୍କୁ ଅଟକାଇବାକୁ ଯାଇ ଅର୍ଜୁନ, ତାଙ୍କ ପତ୍ନୀ ଓ ୨ ପୁଅ ଆକ୍ରମଣର ଶିକାର ହୋଇଥିବା ଜଣାପଡ଼ିଛି।

# ଶର୍ଟ ସର୍କିଟ: ଜଳିଗଲା ବିଦ୍ୟୁତ୍ ଖୁଣ୍ଟ

ଖଣ୍ଡପଡ଼ା,୧୨।୫(ସ୍ୱ.ପ୍ର)

କଣ୍ଟିଲୋ ହାଟମୁଣ୍ଡପାଟଣା ସରକାରୀ ବାଳିକା ପ୍ରାଥମିକ ବିଦ୍ୟାଳୟ ତଥା ଜନକଲ୍ୟାଣ କ୍ଲବ୍ ସମ୍ମୁଖସ୍ଥ ଏକ ବିଦ୍ୟୁତ୍ ଖୁଣ୍ଟ ଶର୍ଟ ସର୍କିଟ ଯୋଗୁ ରବିବାର ଜଳିଯାଇଛି। ଫଳରେ ସ୍ଥାନୀୟ ପ୍ରାଣୀ ଚିକିତ୍ସାକେନ୍ଦ୍ର ପରିସରସ୍ଥ ସବ୍‌ଷ୍ଟେଶନର ସମସ୍ତ ଉପଭୋକ୍ତାଙ୍କ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇପଡ଼ିଛି । ଭୋର ପ୍ରାୟ ୪ଟା ସମୟରେ ଖମ୍ବ ଉପରେ ଥିବା ବିଦ୍ୟୁତ୍ ସଂଯୋଗ ଏବଂ ଓର୍‌ଟେଲ କେବୁଲ୍ ଚାମ୍ବରରେ ହଠାତ୍ ନିଆଁ ଲାଗି ବାକ୍ସ ଓ ସର୍ଭିସ୍ ତାର ଜଳି ଉଠିଥିଲା। ତେବେ ଫେଡ଼କୋକୁ ଖବର ଦେବା ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ମାୟାଧର ମହାରଣା ନିଆଁକୁ ଆୟତ୍ତ କରିବା ପାଇଁ ସବ୍‌ଷ୍ଟେଶନର ଏବି ସୁଇଚ୍‌କୁ କାଟି ଦେଇ ବିଦ୍ୟୁତ୍ ସରବରାହକୁ ବିଚ୍ଛିନ୍ନ କରିଥିଲେ। ପରେ ଫେଡ଼କୋ କନିଷ୍ଠ ଯନ୍ତ୍ରୀ ସଞ୍ଜୀବ କୁମାର ସେନାପତିଙ୍କୁ ଅବଗତ କଲା ପରେ ଲାଇନ୍ ମ୍ୟାନ ପ୍ରଶାନ୍ତ କୁମାର ପାଢ଼ୀ ଓ ବିକାଶ କୁମାର ବାରିକ ଘଟଣା ସ୍ଥଳରେ ପହଞ୍ଚି ମରାମତି କରିଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଦୀର୍ଘବର୍ଷ ଧରି ସେହି ପୁରୁଣା ଖୁଣ୍ଟ ବ୍ୟବହାର ତଥା ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତେଣୁ ଯନ୍ତ୍ରୀ ସେନାପତିଙ୍କୁ ଏହାର ପ୍ରତିକାର ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି ।


**ପ୍ରଥମ ମାସିକିଆ ପୂଜା**



**BIDYAKSHI (PARI)**

ଆଜି ତୋର ପ୍ରଥମ ମାସିକିଆ ପୂଜାରେ ଶ୍ରୀମା ଶ୍ରୀଅରବିନ୍ଦ ତୋର ଚଳାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ:

ଆଈ, ଗୁଡୁ ମାସୀ, ଡାଏନା ମାସୀ, ମାମା, ପାପା ଓ ପରିବାରବର୍ଗ ।


■ ଫନୀରେ କ୍ଷତିଗ୍ରସ୍ତ ହୋଇଛି ରଣପୁର ବ୍ଲକ

# ସହାୟତା ପାଇଁ ଏସ୍‌ଆରସିଙ୍କ ପକ୍ଷରୁ ଜିଲାପାଳଙ୍କୁ ଚିଠି

ନୟାଗଡ଼ ଅଫିସ/ରଣପୁର (ସ୍ୱ.ପ୍ର.),୧୨।୫

ରଣପୁର ବ୍ଲକର ସମସ୍ତ ୩୭ ପଞ୍ଚାୟତ ଓ ଏନ୍‌ଏସିକୁ ବାତ୍ୟାଞ୍ଚଳ ଘୋଷଣା କରିବା ପାଇଁ ଚାନ୍ଦପୁର ଜୋନ୍‌ର ୧୦ ପଞ୍ଚାୟତର ଜନସାଧାରଣ ଜିଲା ଓ ରାଜ୍ୟସ୍ତରୀୟ ବିଭିନ୍ନ ଅଧିକାରୀଙ୍କ ସମେତ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଲିଖିତ ପତ୍ର ମାଧ୍ୟମରେ ଦାବି କରିଥିଲେ। ଏହାକୁ ତର୍ଜମା କରି ଏସ୍‌ଆରସି ବିଷ୍ଣୁପଦ ସେଠୀ ରଣପୁର ବ୍ଲକ ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଇଛନ୍ତି। ଗତ ୧୧ ତାରିଖରେ ରାଜସ୍ୱ ବିପର୍ଯ୍ୟୟ ଓ ପରିଚାଳନା ବିଭାଗ ପକ୍ଷରୁ ହୋଇଥିବା ଚିଠିରେ ଏହା ଉଲ୍ଲେଖ କରାଯାଇଛି। ବିଭାଗ ପକ୍ଷରୁ ଜିଲାପାଳଙ୍କ ନିକଟକୁ ହୋଇଥିବା ଚିଠିରେ ଦର୍ଶାଯାଇଛି ଯେ, ଗତ ୩ ତାରିଖରେ ହୋଇଥିବା ବାତ୍ୟାରେ ରଣପୁର ବ୍ଲକ ପ୍ରଭାବିତ ହୋଇଛି। ତେଣୁ ବ୍ଲକର ବିପନ୍ନମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ଥିବା ପରିବାରକୁ ୫୦କିଲୋ ଚାଉଳ ଓ ୨ହଜାର ଟଙ୍କା ପ୍ରଦାନ କରିବା ପାଇଁ କୁହାଯାଇଛି। ସେହିଭଳି ପଲିଥିନ୍ ଦେବା ପାଇଁ ମଧ୍ୟ କୁହାଯାଇଛି, ପଲିଥିନ ନ ଥିଲେ ଏହା ବାବଦକୁ ୫୦୦ ଟଙ୍କା ପ୍ରଦାନ କରିବା ପାଇଁ କୁହାଯାଇଛି। ଯେଉଁ ପରିବାର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ନାହାନ୍ତି ସେମାନଙ୍କୁ ମଧ୍ୟ ୫୦ କିଲୋ ଚାଉଳ ପ୍ରଦାନ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ ରଣପୁର ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ବିଧାୟକ ପ୍ରାର୍ଥୀ ହୋଇଥିବା ସତ୍ୟ ନାରାୟଣ ପ୍ରଧାନ ବାତ୍ୟା ପ୍ରଭାବରେ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିବା ସହିତ ରଣପୁରକୁ ବାତ୍ୟାଞ୍ଚଳ ଘୋଷଣା କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ।


**Birthday Wish**



Thanks for coming in my life

*Happy Birthday* my Princess

**(Pragyan)**

**Best Complements from Raj and Family**

D-12464

**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



**ଦେବସ୍ମିତା ସାହୁ**

ଶିରିପୁର, ଭୁବନେଶ୍ୱର

ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ଏବଂ ତୋର ଚଳାପଥ ପୁଷ୍ପିତ ହେଉ।

ଶୁଭେଚ୍ଛା ସହ: ବନ୍ଧୁ ଓ ପରିବାରବର୍ଗ

ଧ-୧୨୪୭୩


■ ବଜାର ଅଞ୍ଚଳରେ ବଢୁଛି ଟ୍ରାଫିକ ସମସ୍ୟା

# ତୁରନ୍ତ ଟ୍ରାଫିକ୍ ପୋଷ୍ଟ ନିର୍ମାଣ ଦାବି

ବୋଲଗଡ଼,୧୨।୫(ଡି.ଏନ.ଏ.)

୫୭ ନଂ ଜାତୀୟ ରାଜପଥର ବୋଲଗଡ଼ ବ୍ଲକ ରାଜସୁନାଖଳା ବଜାର ଅଞ୍ଚଳରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢୁଛି। ଟ୍ରାଫିକ୍ ଭିଡ଼ ଯୋଗୁ ସର୍ବଦା ବିଶେଷତଃ ଜରୁରିକାଳୀନ ସମୟରେ ଯାତାୟାତକାରୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବଜାର ଉଭୟ ବୋଲଗଡ଼ ଏବଂ ରଣପୁର ବ୍ଲକ ଅଞ୍ଚଳର ଏକ ସଂଯୁକ୍ତ ସ୍ଥଳ ତଥା ଖୋର୍ଦ୍ଧା, ନୟାଗଡ଼ ଜିଲାର ସୀମାନ୍ତରେ ରହିଥିବାରୁ ଉଭୟ ଜିଲା ପାଇଁ ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଭାବେ ପରିଚିତ। ତେଣୁ ଏଠାରେ ସର୍ବଦା ଗହଳି ଲାଗି ରହିଥାଏ। ଏଠାରେ ବ୍ୟାଙ୍କ, ଶିକ୍ଷାନୁଷ୍ଠାନ ଆଦି ଅନେକ ସଂସ୍ଥା ରହିଛି। ଉକ୍ତ ଜାତୀୟ ରାଜପଥରେ ଭୁବନେଶ୍ୱରରୁ ପଶ୍ଚିମ ଓଡ଼ିଶା ଅଞ୍ଚଳକୁ ଭାରିଯାନଠାରୁ ଆରମ୍ଭ କରି ଯାତ୍ରୀବାହୀ ବସ୍‌ଗୁଡିକ ବଜାର ଅଞ୍ଚଳ ଦେଇ ଯାତାୟାତ କରନ୍ତି। ଦିନକୁ ଦିନ ଯାନବାହନ ସଂଖ୍ୟା ବଢ଼ିବାରେ ଲାଗିଛି। ଉଲ୍ଲେଖଯୋଗ୍ୟ, ନୂଆ ବସ୍‌ଷ୍ଟାଣ୍ଡଠାରୁ ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ବ୍ୟାଙ୍କ୍ ଛକ ଏବଂ କୁମାରୀ ଛକ ଅଞ୍ଚଳରେ ସର୍ବଦା ଟ୍ରାଫିକ ସମସ୍ୟା ଲାଗି ରହିଥିବାରୁ ଜନ ସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ତେଣୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଏହି ବଜାର ଅଞ୍ଚଳର ଛକ ସ୍ଥାନଗୁଡିକରେ ତୁରନ୍ତ ଟ୍ରାଫିକ୍ ପୋଷ୍ଟ ନିର୍ମାଣ ନେଇ ବିଭିନ୍ନ ମହଲରେ ଦାବି ଜୋର୍ ଧରିଛି।



ରାଜସୁନାଖଳା ବଜାରରେ ଟ୍ରାଫିକ୍ ଭିଡ଼।

■ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସଙ୍କଳ୍ପ

# ଗୋମାତାଙ୍କ ସୁରକ୍ଷା, ରୋଗମୁକ୍ତ ସମାଜ ଗଠନ

ନୂଆଗାଁ,୧୨।୫ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଡେଙ୍କେଣା ପଞ୍ଚାୟତ ଡେଙ୍କେଣା ଗ୍ରାମର ମହାମାୟୀ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଗୋମାତାଙ୍କ ସୁରକ୍ଷା ସହ ରୋଗମୁକ୍ତ ସମାଜ ଗଠନ କରିବା ପାଇଁ ଅଣ୍ଟା ଭିଡିଛନ୍ତି। ବର୍ତ୍ତମାନ ସମାଜରେ ବିଭିନ୍ନ ଫସଲ ଅମଳ ପାଇଁ ରାସାୟନିକ ସାର ପ୍ରୟୋଗ କରାଯାଉଛି। ଏହାକୁ ଖାଦ୍ୟରୂପେ ମଣିଷ ସମାଜ ଗ୍ରହଣ କରୁଛି। ସେଗୁଡିକୁ ଖାଇବା ଦ୍ୱାରା ଲୋକଙ୍କ ଶରୀରରେ ବିଭିନ୍ନ ପ୍ରକାର ରୋଗ ଦେଖାଦେବା ସହ ମଣିଷର ଆୟୁଷ ହାନି ଘଟୁଛି। ଏଥିରୁ ମୁକ୍ତ ହେବା ପାଇଁ ସଙ୍କଳ୍ପ ନେଇ କାର୍ଯ୍ୟ ଆରମ୍ଭ କରିଛି ମହାମାୟୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ। ଗୋଷ୍ଠୀର ମହିଳାମାନେ ଗାଈ ପାଳନ କରି ସେମାନଙ୍କ ଗୋବରରୁ ଜୈବିକ ସାର, ମଶାଧୂପ, ଧୂପକାଠି ପ୍ରସ୍ତୁତ କରୁଛନ୍ତି। ସେହିପରି ଗୋମୂତ୍ରରୁ ବିଭିନ୍ନ ରୋଗର ଉପଶମ ପାଇଁ ଗୋ ଅର୍କ ତିଆରି କରୁଛନ୍ତି। ଚାଷୀକୁଳ ବଜାରରୁ ଚଢା ଦରରେ ରାସାୟନିକ ସାର କ୍ରୟ କରି ଫସଲରେ ବ୍ୟବହାର କରୁଛି। ପୁଣି



ମହିଳାମାନେ ଧୂପକାଠି ତିଆରି କରୁଛନ୍ତି।

### ଗୋବରରୁ ପ୍ରସ୍ତୁତ କରୁଛନ୍ତି ଜୈବିକ ସାର, ମଶାଧୂପ, ଧୂପକାଠି

କେତେବେଳେ ଫସଲ ଉଜୁଡୁଛି ତ କେତେବେଳେ ବଜାରର ଦର ହ୍ରାସ ହେଉଛି। ଏଥିଯୋଗୁ ଚାଷୀ କ୍ଷତିର ସମ୍ମୁଖୀନ ହେଉଛି। ଫଳରେ ଧାରକରଜ ଶୁଝିବା ତା' ପାଇଁ କାଠିକର ପାଠ ହୋଇପଡୁଛି। ଅନେକ ସମୟରେ କରଜ ଶୁଝି ନ ପାରି ଚାଷୀ ଆତ୍ମହତ୍ୟା ଭଳି ପଦକ୍ଷେପ ନେଉଛି। କିନ୍ତୁ ଚାଷୀ ଯଦି ଗୋପାଳନ କରି ତାହାର ଗୋବରକୁ ଜୈବିକ ସାର ରୂପେ ବ୍ୟବହାର କରିବ ତେବେ ସେ ଅଳ୍ପ ଖର୍ଚ୍ଚରେ ଅଧିକ ଅମଳ କରିପାରିବ। ତାକୁ ଆଉ ଋଣ ଭାର ସହିବାକୁ ପଡିବ ନାହିଁ। ଲୋକମାନେ ସେହି ଧାନଚାଉଳ, ପନିପରିବା ଖାଇ ନୀରୋଗ ରହିବେ। ସମାଜକୁ ଏହି ବାର୍ତ୍ତା ଦେବାକୁ ଯାଇ ଗୋଷ୍ଠୀର ମହିଳାମାନେ ୧୦ ଗୋଟି ଗାଈ ପାଳନ କରୁଛନ୍ତି। ଦୈନିକ ବାହାରୁଥିବା ଗୋବରକୁ ସେମାନେ ଜୈବିକ ସାର ରୂପେ ଫସଲରେ ବ୍ୟବହାର କରୁଛନ୍ତି। ସେଥିରୁ ପ୍ରତିଦିନ କିଛି ଗୋବର ଆଣି ସେଥିରେ ଆବଶ୍ୟକ ପରିମାଣର କାଠଗୁଣ୍ଡ, ଅରୁଆ ଚାଉଳ ଗୁଣ୍ଡ, ଦେଶୀ ଗୁଆଘିଅ ଆଦି ମିଶ୍ରଣ କରି ଧୂପକାଠି ତିଆରି କରୁଛନ୍ତି। ନିକଟବର୍ତ୍ତୀ ବଜାରରେ ତାହାର ଚାହିଦା ନ ଥିବାରୁ ସେମାନେ ବାହାର ବଜାରରେ ବିକ୍ରିକରି ପ୍ରତିଦିନ ଜଣ ପିଛା ୩୦୦ରୁ ୪୦୦ ଟଙ୍କା ରୋଜଗାର କରିପାରୁଥିବା କୁହନ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି କୁନି ପରିଡା। ସେହିପରି ସକାଳର ଗୋ ମୂତ୍ରକୁ ସଂଗ୍ରହ କରି ସେଥିରୁ ଅର୍କ ପ୍ରସ୍ତୁତ କରନ୍ତି। ଏହି ଅର୍କ ଗ୍ୟାସ୍‌ଟିକ, କଫ, ପାଇଲ୍‌ସ, ଶ୍ୱାସ ଭଳି ୪୮ ଗୋଟି ରୋଗର ଉପଶମ ପାଇଁ ବ୍ୟବହାର କରାଯାଉଥିବା କହିଛନ୍ତି ପଲ୍ଲୀବନ୍ଧୁ ସଂସ୍ଥାର ସଂଯୋଜକ ତଥା ମହାମାୟୀ ସ୍ୱୟଂସହାୟକ ଗୋଷ୍ଠୀର ଉପଦେଷ୍ଟା ଗଣେଶ୍ୱର ପରିଡା। ସେମାନେ ପ୍ରତିଦିନ ଗୋ ମୂତ୍ରରୁ ୨ ଲିଟର ଅର୍କ ପ୍ରସ୍ତୁତ କରୁଥିବା ବେଳେ ତାହାକୁ ଲିଟର ପିଛା ୧୬୦ ଟଙ୍କାରେ ବିକ୍ରି କରନ୍ତି। ସ୍ଥାନୀୟ ବଜାରରେ ଏସବୁର ଚାହିଦା ନ ଥିବାବେଳେ ଭୁବନେଶ୍ୱର, କଟକ ଆଦି ସହରରେ ଗୋବର, ଗୋମୂତ୍ରରୁ ତିଆରି ସାମଗ୍ରୀ ବେଶ୍ ଲୋକପ୍ରିୟ ହୋଇପାରିଛି। ସରକାର ପ୍ରୋତ୍ସାହନ ଯୋଗାଇଦେଲେ ସେମାନେ ଏକ ସୁସ୍ଥ ତଥା ନୀରୋଗ ସମାଜ ଗଠନ କରିବାରେ ସହାୟକ ହେବେ ବୋଲି କହିଛନ୍ତି ଗୋଷ୍ଠୀର ସଭ୍ୟ ରୁନା ଜେନା, କୁନି ପରିଡା, ଦୀପ୍ତିମୟୀ ପରିଡା ପ୍ରମୁଖ।




